ଧରିତ୍ରୀ
DHARITRI

February 23-29, 2020 ₹ 2/-

# ଛୁଟିଦିନ




# ଓଡ଼ିଶାର ଲୋକ ବାଦ୍ୟ

୩
ପ୍ରଚ୍ଛଦ ପ୍ରସଙ୍ଗ

ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାଁ ଗହଳିରେ ରହିଛି ସ୍ୱତନ୍ତ୍ର ଲୋକବାଦ୍ୟ; ଯାହାର ଉତ୍ପତ୍ତି ଆଉ ବଜେଇବାକୁ ନେଇ ରହିଛି ଅନେକ କଥା ଆଉ କାହାଣୀ....



୮/୯
ସିନେମା



ସହରଠୁ ଦୂର
୧୩

# ଜୋତାର ନିଆରା ମ୍ୟୁଜିୟମ୍



**କା**ନାଡାର ଟରଣ୍ଟୋ ସ୍ଥିତ ବ୍ଲୋର୍ ଷ୍ଟ୍ରିଟ୍‌ଠାରେ ଥିବା ବାଟା ସୁ ମ୍ୟୁଜିୟମ ପୃଥିବୀର ଏକ ବିଖ୍ୟାତ ଜୋତା ମ୍ୟୁଜିୟମ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ସଂଗୃହୀତ ହୋଇରହିଥିବା ସମସ୍ତ ଜୋତା ଏକ ଭିନ୍ନ କାହାଣୀ ବର୍ଣ୍ଣନା କରିଥାଏ। ଏହି ମ୍ୟୁଜିୟମ୍‌ରେ ମହାକାଶଚାରୀଙ୍କ ସ୍ପେସ୍ ବୁଟ୍‌ଠାରୁ ଆରମ୍ଭ କରି ଓ୍ୱେଷ୍ଟର୍ନ ସୁର ଇତିହାସକୁ ଦର୍ଶାଉଥିବା ବିଭିନ୍ନ ଜୋତାକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଏଠାରେ ପ୍ରାଚୀନ ସଭ୍ୟତାରେ ପିନ୍ଧାଯାଉଥିବା ଜୋତା ତଥା ଏହାର ବିସ୍ତୃତ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିବାର ସୁଯୋଗ ମିଳିଥାଏ। ବାଟା ସୁ ମ୍ୟୁଜିୟମ୍ ୧୯୯୫ ମେ ୬ରେ ପ୍ରତିଷ୍ଠା ଲାଭ କରିଥିଲା। ଏହାର ପ୍ରତିଷ୍ଠାତା ସୋନ୍‌ଜା ବାଟା ୧୯୪୦ରୁ ପୃଥିବୀର ବିଭିନ୍ନ ସ୍ଥାନରୁ ଜୋତା ସଂଗ୍ରହ କରିବା ଆରମ୍ଭ କରିଥିଲେ ଯେଉଁଥିରେ ସାଧାରଣଠାରୁ ଆରମ୍ଭ କରି ଅସାଧାରଣ ପ୍ରାୟ ୧୩ ହଜାର ଜୋତା ସାମିଲ ଅଛି। ତନ୍ମଧ୍ୟରୁ ଫ୍ରାନ୍ସର ଚେଷ୍ଟ ନଟ୍ କ୍ରଶିଙ୍ଗ ବୁଟ୍, ଚାଇନାର ରେଶମ ସୂତାରେ ପ୍ରସ୍ତୁତ ଜୋତା, ଜାପାନୀ ସାମୁରାଇଙ୍କ ଲାଗି ଉଦ୍ଦିଷ୍ଟ ଫର୍ ଜୋତା ଆଦି ଅନ୍ୟତମ। କେବଳ ସେତିକି ନୁହେଁ ଏଠାରେ ଭାରତୀୟ ଜୋତାର ମଧ୍ୟ ବିଭିନ୍ନ ସମ୍ଭାର ଦେଖିବାକୁ ମିଳେ। ଏହି ନିଆରା ମ୍ୟୁଜିୟମ୍ ଜୋତା ମାଧ୍ୟମରେ ବିଭିନ୍ନ ଦେଶର ତଥା ସଭ୍ୟତାର ସଂସ୍କୃତି ଏବଂ ପରମ୍ପରା ସମ୍ପର୍କରେ ସୂଚନା ଦେଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୨୩-୨୯

**ମେଷ**: ଶୁଭ ଖବର, ବନ୍ଧୁଙ୍କ ନିମନ୍ତ୍ରଣ, ପ୍ରୀତିପ୍ରଦ ଯାତ୍ରା, ମନୋବଳ ବୃଦ୍ଧି, ଠିକ୍ ନିଷ୍ପତ୍ତି ନେବେ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଦୁର୍ବଳ ମାନସିକତା, ସଙ୍ଗୀତରେ ସୁନାମ, ଜମିଜମା ବିବାଦ, ଆଇନ ସହାୟତା, ପରିବହନରେ ସମସ୍ୟା, ରପ୍ତାନିରେ ବାଧା।

**ବୃଷ**: ଆରୋଗ୍ୟ ଲାଭ, ପାରିବାରିକ ସମସ୍ୟା, ସତର୍କ ପଦକ୍ଷେପ, ବ୍ୟବସାୟରେ ଉନ୍ନତି। ଦ୍ରବ୍ୟଲାଭ, ଉପରିସ୍ଥଙ୍କ ଅନୁକମ୍ପା, ବନ୍ଧୁଙ୍କ ଉଦାରତା। ମନୋରଞ୍ଜନ କାର୍ଯ୍ୟ, ଦୂରଯାତ୍ରା, ପରୋକ୍ଷ ଶତ୍ରୁତା, ବନ୍ଧୁମିଳନ।

**ମିଥୁନ**: ପ୍ରତିକୂଳ ପରିସ୍ଥିତି, କାର୍ଯ୍ୟହାନି, କଳାରେ ଉତ୍କର୍ଷତା, ସାମ୍ବାଦିକତାରୁ ଗୌରବ, ପଡ଼ୋଶୀଙ୍କ ସହଯୋଗ, ମହାଜନୀ ଚାପ, ମାନସିକ ଅବସାଦ। ମାଙ୍ଗଳିକ କାମ, ମଜା ମଉଜର ସୁଯୋଗ ଯୁଟିବ।

**କର୍କଟ**: ସ୍ଥଗିତ କାର୍ଯ୍ୟାରମ୍ଭ, ଭୋଗବିଳାସରେ ବାଧା, ଅର୍ଥନୈତିକ ଅଭିବୃଦ୍ଧି। ତ୍ୱରାନ୍ୱିତ କାର୍ଯ୍ୟ, ବ୍ୟବସାୟରେ ତର୍କ, ଶୁଭକାର୍ଯ୍ୟ, ଯାନ୍ତ୍ରିକ ତ୍ରୁଟି, ଅଳଙ୍କାରାଦି କ୍ରୟ, ସାହସିକ ପଦକ୍ଷେପ, କ୍ରନିକ୍ ରୋଗରେ ପୀଡ଼ା ଅନୁଭବ ହେବ।

**ସିଂହ**: ଦୃଢ଼ ମାନସିକତା, ଅଭିଳାଷ ପୂରଣ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ହସ୍ତକ୍ଷେପ। ଅର୍ଥସଙ୍କଟ, ପାରିବାରିକ ସୌଖ୍ୟ, ଘର ସାଜସଜ୍ଜା, ଭୋଗ ବିଳାସ, ପରିଜନଙ୍କ ସହ ଭ୍ରମଣ, କରଜ କରିବେ।

**କନ୍ୟା**: ନୂତନ ଯୋଜନାରମ୍ଭ, ମାତ୍ରାଧିକ ଖର୍ଚ୍ଚ, ମାନସିକ ଦୁଶ୍ଚିନ୍ତା, ବ୍ୟାବସାୟିକ ଉନ୍ନତି, ଯାତ୍ରା ସଫଳ। ପ୍ରତିବନ୍ଧକ ହଟିବ, କଳାକାରିଗରିରୁ ପ୍ରଶଂସା, ମିତ୍ରମାନେ ପାଖେଇବେ।

**ତୁଳା**: ଅର୍ଥଲାଭ, ସାମାଜିକ ସମ୍ମାନ, ବନ୍ଧୁଙ୍କ ସଦିଚ୍ଛା, ସଭାକୁ ନିମନ୍ତ୍ରଣ, ସାଂସ୍କୃତିକ କାର୍ଯ୍ୟ, ସହକର୍ମୀଙ୍କ ଈର୍ଷା, ବିବାଦର ସମାପ୍ତି, ଧର୍ମକାର୍ଯ୍ୟ, ଦୂରଯାତ୍ରାର ସୁଯୋଗ। ସାହିତ୍ୟକୃତିରୁ ସମ୍ମାନ, ଯାନବାହନ କ୍ରୟ, ଯୋଗଶିକ୍ଷାରେ ରୁଚି ବଳାଇବେ।

**ବିଛା**: ସ୍ୱପ୍ନର ସାର୍ଥକତା, ସମୟୋଚିତ କାର୍ଯ୍ୟ, ପାରିବାରିକ ସମର୍ଥନ, ଅସୁବିଧା ଦୂରେଇବ, ଭାରାକ୍ରାନ୍ତ ମନ। ବୁଦ୍ଧିଜୀବୀଙ୍କ ସାନ୍ତ୍ୱନା, ଭ୍ରମଣଜନିତ କ୍ଳାନ୍ତି, ଫଳବତୀ ଆଶା, ସହୃଦୟତା ପ୍ରାପ୍ତ ହେବ।

**ଧନୁ**: ଶାରୀରିକ ଅସୁସ୍ଥତା, ନିର୍ଭରଶୀଳ କାମ, ଶୁଭକାର୍ଯ୍ୟର ତତ୍ପରତା, ଆତ୍ମୀୟଙ୍କ କଟୁକ୍ତି, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ପାରିବାରିକ ମତଭେଦ, ସମ୍ପର୍କରେ ଅବନତି, ଭୁଲ୍ ବୁଝାମଣାରୁ କଳହ ଦେଖା ଦେଇପାରେ।

**ମକର**: ଯୋଜନାରମ୍ଭ, କାର୍ଯ୍ୟସିଦ୍ଧି, ଦୃଢ଼ ସଂକଳ୍ପ, ଭ୍ରମଣରୁ ଆନନ୍ଦ, ସମସ୍ୟା ନିୟନ୍ତ୍ରିତ, ପରିସ୍ଥିତି ସୁଧୁରିବ, ଶୁଣାଣିରେ ବିଳମ୍ବ, ସାଂଗଠନିକ ତତ୍ପରତା, ରଚନାତ୍ମକ କାର୍ଯ୍ୟ, ଅଧ୍ୟୟନରେ ଏକାଗ୍ରତା, ଧର୍ମକାର୍ଯ୍ୟ ସମ୍ପନ୍ନ।

**କୁମ୍ଭ**: ପ୍ରୀତିପ୍ରଦ ଯାତ୍ରା, ବୈଷୟିକ ଅଭିବୃଦ୍ଧି, ବନ୍ଧୁଙ୍କ ନିମନ୍ତ୍ରଣ, ଲକ୍ଷ୍ୟହୀନ ଯାତ୍ରା, ପରିବାରରେ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ, ସଂଯମତା ହରାଇବେ, କର୍ମୋନ୍ନତି, ଅପନିନ୍ଦା ଶୁଣିବେ, ବନ୍ଧୁଙ୍କ ମିଥ୍ୟାଭିଯୋଗ, ସଭାସମିତି, ସଙ୍ଗୀତରେ ରୁଚି, ମିଥ୍ୟାପବାଦ।

**ମୀନ**: ଖୁସି ଖବର, ସହଯୋଗର ପ୍ରତିଶ୍ରୁତି, କାର୍ଯ୍ୟସିଦ୍ଧିର ଆଶା, ପ୍ରିୟଜନଙ୍କ ସାନ୍ନିଧ୍ୟ, ଗୁରୁବର୍ଗଙ୍କ ପ୍ରେରଣା, ପୁରାଣ ପଠନରେ ଇଚ୍ଛା, ଧର୍ମକାର୍ଯ୍ୟରେ ନିଯୁକ୍ତି, ଚାକିରି ଅଫର ପ୍ରାପ୍ତି, ମିଥ୍ୟାଭିଯୋଗ ଆସିବ।

# ଡ୍ରିମ୍ ୱେଡ଼ିଂ

**ନି**ଜ ବିବାହକୁ ନେଇ ପ୍ରତ୍ୟେକ ବ୍ୟକ୍ତିଙ୍କର କିଛି ନା କିଛି ସ୍ୱପ୍ନ ଥାଏ। ବିବାହକୁ ସ୍ମରଣୀୟ କରିବା ଲାଗି ଲୋକେ ଅନେକ ନୂତନ ତଥା ନିଆରା ପନ୍ଥା ଆପଣେଇଥାନ୍ତି। ଏଥିଲାଗି କିଏ ଡେଷ୍ଟିନେଶନ ୱେଡ଼ିଂର ଯୋଜନା କରିଥାନ୍ତି ତ କେହି ମୁକ୍ତ ଆକାଶ ତଳେ ଷ୍ଟାର ନାଇଟ୍ ୱେଡ଼ିଂ। ଲୋକମାନଙ୍କ ଏହି ସବୁ ଚାହିଦାକୁ ଦୃଷ୍ଟିରେ ରଖି ଆମେରିକାର ଲାସ୍ ଭେଗାସ୍ ଠାରେ ୱେଡ଼ିଂ ପ୍ଲାନରମାନେ ବିଭିନ୍ନ ପ୍ରକାର ଥିମ୍‌କୁ ନେଇ ୱେଡ଼ିଂ ପ୍ଲାନ କରିଥାନ୍ତି। ସାଧାରଣତଃ ରଙ୍ଗିନ ସହର ଲାସ୍ ଭେଗାସ୍ ଆମୋଦ ପ୍ରମୋଦ ତଥା ମଉଜମସ୍ତି ଲାଗି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଥାଏ। ତେବେ ନିଜ ଜୀବନ ସାଥୀଙ୍କ ସହ ଏକ ସୁଖଦ ଏବଂ ସ୍ମରଣୀୟ ଜୀବନର ଶୁଭାରମ୍ଭ କରିବା ଲାଗି ପର୍ଯ୍ୟଟକମାନେ ଏହି ସହରକୁ ବାଛିଥାନ୍ତି। ଏଠାରେ ୱେଡ଼ିଂ ପ୍ଲାନରମାନେ ଗ୍ରାହକଙ୍କ ପସନ୍ଦ ମୁତାବକ ହେଲିକପ୍ଟରରେ, ବିଶାଳ ରୋଲର କୋଷ୍ଟର ଉପରେ ତଥା ସାର୍କ ରିଫ୍ ଆକ୍ୱାରିୟମ ମଧ୍ୟରେ ସାର୍କମାନଙ୍କ ଗହଣରେ ବିବାହର ଆୟୋଜନ କରିଥାନ୍ତି। ସେଭଳି ବିଭିନ୍ନ ଥିମ୍ ଯଥା, ଡିସ୍କୋ ଥିମ୍, ରେଟ୍ରୋ ଥିମ୍, ଡ୍ରାକୁଲାସ୍ ଟୋମ୍ବ, ରକ୍ ଆଣ୍ଡ ରୋଲ, ବିଚ୍ ପାର୍ଟି ତଥା ବିଭିନ୍ନ କମିକ୍ କ୍ୟାରେକ୍ଟରକୁ ନେଇ ଥିମ୍ ୱେଡ଼ିଂ ପ୍ଲାନ କରିଥାନ୍ତି। ଉକ୍ତ ଥିମ୍ ଅନୁଯାୟୀ ବିବାହର ସମ୍ପୂର୍ଣ୍ଣ ସେଟ୍‌ର ଡିଜାଇନ୍, କଷ୍ଟ୍ୟୁମ୍ ତଥା ଖାଦ୍ୟର ମେନୁ ପ୍ରସ୍ତୁତ କରାଯାଇଥାଏ। ବିଭିନ୍ନ ଥିମ୍ ପାର୍ଟି ଲାଗି ଭିନ୍ନ ଭିନ୍ନ ପ୍ୟାକେଜ୍ ରହିଛି। ଗ୍ରାହକମାନେ ନିଜ ବଜେଟ ଏବଂ ପସନ୍ଦ ମୁତାବକ ପ୍ୟାକେଜ୍ ବାଛି ବିବାହକୁ ସ୍ମରଣୀୟ କରିଥାନ୍ତି।



# ପାଠକୀୟ

■ଦୁଇ ଜଣଙ୍କର ମନ ମିଶିଗଲେ ପ୍ରେମର ମଳୟ ପବନ ବହିବା ଆରମ୍ଭ କରେ। ଆଉ ସେହି ପ୍ରେମ ଦିନେ ବିବାହର ରୂପ ନେଇ ଦୁଇଟି ଜୀବନକୁ ଗୋଟିଏ ରଜ୍ଜୁରେ ବାନ୍ଧିରଖେ। ସେଠି ପ୍ରତିବନ୍ଧକ ସାଜେନା ଶାରୀରିକ ଅକ୍ଷମତା। ସେମିତି କେତେଜଣ ଭିନ୍ନକ୍ଷମ ଦମ୍ପତିଙ୍କର ନିଆରା ପ୍ରେମ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ତୁହେଁ ତୁହିଁଙ୍କ ପାଇଁ'ଟି ଭାରି ମନଛୁଆଁ ହୋଇପାରିଥିଲା। 'ଘର ପାଇଁ ଅଶୁଭ', 'ଜଙ୍ଗଲ ବବଲ୍' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଶିଖିବାକୁ ମିଳିଲା।

**–ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ଼, ପୁରୀ**

■ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ତୁହେଁ ତୁହିଁଙ୍କ ପାଇଁ'ଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ନିଚ୍ଛକ ଭଲ ପାଇବା କାହାକୁ କୁହାଯାଏ, ତାହା ଏହି ଭିନ୍ନକ୍ଷମ ଦମ୍ପତିମାନଙ୍କ ପ୍ରେମକାହାଣୀକୁ ପଢ଼ିଲା ପରେ ହିଁ ଜାଣିହେଲା। 'କପଲ୍ ଟି-ଶାର୍ଟ' ପାଠଟିରୁ ଏକ ନୂଆ ଫ୍ୟାଶନ ଟ୍ରେଣ୍ଡ ସମ୍ପର୍କରେ ଅବଗତ ହୋଇପାରିଲି। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଲେଖିକା, ସମାଜସେବୀ, ଚଳଚ୍ଚିତ୍ର ପ୍ରଯୋଜିକା ନାଓମି କ୍ଲେନ୍‌ଙ୍କ ଜୀବନୀ ସମ୍ପର୍କରେ ଅନେକ କିଛି ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**–ଅରୁଣ କୁମାର ନାୟକ, ମାନସ କୁମାର ଜେନା, ଏରେଇଁ, ଚରମ୍ପା, ଭଦ୍ରକ**

■ସୃଜନ ପୃଷ୍ଠାରେ ସ୍ଥାନିତ 'ବିୟୁଟି ସ୍ପଟ୍' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଫୁଲ', 'ଦୁର୍ବଳତା' ନାମକ କବିତା ଦୁଇଟି ବି ଭାରି ମନଛୁଆଁ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଅନନ୍ୟା ପାଣ୍ଡେ' ଓ 'ଦିଶା ପଟାନି'ଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ଶିକ୍ଷାବିତ୍, ନାଟ୍ୟକାର, ସମାଲୋଚକ ତଥା ଦାର୍ଶନିକ ଡ.ଅଭିମନ୍ୟୁ ଜେନାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପ୍ରେରଣାଦାୟୀ ହୋଇପାରିଥିଲା।

**–ଭବାନୀ ଶଙ୍କର ଦାଶ, ରବି ଟକିଜ୍, ଭୁବନେଶ୍ୱର**

■ଓଡ଼ିଶାରେ ନିଆରା ଭାବେ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ରେଡିଓ ମେଳାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା 'ରେଡିଓ ମେଳା' ଆଲେଖ୍ୟଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା। ମଡେଲ୍ ମିରର୍‌ରେ 'ବବ୍‌ଲୁ-ବୈଶାଳୀ'ଙ୍କର ଯୋଡ଼ି ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ସେହିପରି 'ପବିତ୍ର ତୀର୍ଥଭୂମି ପର୍ଭଣୀ' ସମ୍ପର୍କରେ ସହର ପୃଷ୍ଠାରୁ ଅନେକ କିଛି ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**–ରାମଚନ୍ଦ୍ର ପ୍ରଧାନ, ରତନପୁର, ଖୋର୍ଦ୍ଧା**

■ବିବିଧ ପୃଷ୍ଠାରେ ସ୍ଥାନିତ 'ବାପା ଚଢ଼େଇ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସବୁଠୁ ବଡ଼ ହାତ ତିଆରି ବହି', 'ବଡ଼ ଟେଡି ବିୟର' ଏବଂ 'ଏଇ ତ ପ୍ରେମ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ଥିଲା। ସେହିପରି ଯାତ୍ରା ପାଠଗୁଡ଼ିକରୁ ଯାତ୍ରା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ମିଳୁଥିବାରୁ ଖୁସି ଲାଗୁଛି।

**–ପ୍ରକାଶ ବିଶ୍ୱାଳ, ମୟୂରଭଞ୍ଜ**

## ବିଶେଷ ଚିଠି



ତୁହେଁ ତୁହିଁଙ୍କ ପାଇଁ
ପାଠଟି କହଇ,
ପ୍ରେମ କେବଳ
ପବିତ୍ର ନୁହଇ,
ଏହାର ହୃଦୟ ବି
ସୁନ୍ଦର ଅଟଇ।
ଜାତି, ଧର୍ମ, ବର୍ଣ୍ଣ
ତା'ର ଭାବ ବିଚାର ନାହିଁ
କେବଳ ମନଲାଖି ମନଟିଏ ଖୋଜଇ।

**–ଗୋବିନ୍ଦ ଚନ୍ଦ୍ର ହାଁସଦା, ବଡ଼ନାଲୁଆ, ବିଶୋଇ, ମୟୂରଭଞ୍ଜ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଓଡ଼ିଶାର ଲୋକ ବାଦ୍ୟ

**ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାଁ ଗହଳିରେ ରହିଛି ସ୍ୱତନ୍ତ୍ର ଲୋକ ବାଦ୍ୟ; ଯାହାର ଉତ୍ପତ୍ତି ଆଉ ବଜେଇବାକୁ ନେଇ ରହିଛି ଅନେକ କଥା ଆଉ କାହାଣୀ....**

ଅନେକ ଲୋକବାଦ୍ୟ ନଟଦେବତା ଶିବଙ୍କଠାରୁ ସୃଷ୍ଟି ହୋଇଥିବାର ବିଭିନ୍ନ କାହାଣୀ ଓ କିମ୍ବଦନ୍ତୀ ରହିଛି। ମାତ୍ର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଥିବା ପାରମ୍ପରିକ ଲୋକବାଦ୍ୟର ସ୍ୱତନ୍ତ୍ରତା ରହିଛି। ବିଭିନ୍ନ ପ୍ରକାର ଲୋକବାଦ୍ୟ ମାଙ୍ଗଳିକ, ଆଧାତ୍ମିକ କିମ୍ବା ସାଂସ୍କୃତିକ ମନୋରଞ୍ଜନ ଆଦି କାର୍ଯ୍ୟକ୍ରମରେ ବାଜିଥାଏ। ଓଡ଼ିଶାରେ ଥିବା ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ର ପୁରପଲ୍ଲୀରେ ଦେଖିବାକୁ ମିଳେ । ସମୟକ୍ରମେ କେତେକ ଲୋପପାଇଯାଇଥିବା ବେଳେ କିଛି ନୂଆରୂପରେ ଦେଖିବାକୁ ମିଳେ। ଏପରି ବାଦ୍ୟଯନ୍ତ୍ରର ନାମକରଣ ପଛରେ ଲୋକକାହାଣୀ କିମ୍ବଦନ୍ତୀ ଯୋଡ଼ିହୋଇ ରହିଛି। ଓଡ଼ିଶାରେ ଦେଖିବାକୁ ମିଳୁଥିବା ପାରମ୍ପରିକ ବାଦ୍ୟଯନ୍ତ୍ରର ଉତ୍ପତ୍ତି, ଗଠନ ଓ ବାଦନଶୈଳୀ ଭିନ୍ନ ଭିନ୍ନ ହୋଇଥାଏ। ଏମିତି ଲୋକବାଦ୍ୟଗୁଡ଼ିକ ପ୍ରାୟ କେତୋଟି ଶ୍ରେଣୀରେ ବିଭକ୍ତ ହୋଇଥିବାର କୁହାଯାଏ।

**ତତ୍‌**- ତାର ବା ଘୋଡ଼ାବାଳକୁ ଘର୍ଷଣକରି ବଜାଯାଏ-କେନ୍ଦରା, ଧୁଡୁକି,ଡେକା,ଟୁଇଲା।

**ଅବନଦ୍ଧ**-ଯେଉଁ ବାଦ୍ୟଯନ୍ତ୍ରର ଦୁଇ କିମ୍ବା ଏକପାଖରେ ଚମଡ଼ାର ଆବରଣ କରାଯାଇ ହାତ କିମ୍ବା ବାଡ଼ି ସାହାଯ୍ୟରେ ବଜାଯାଏ- ମୃଦଙ୍ଗ, ଢୋଲ, ମର୍ଦ୍ଦଳ,ଚାଙ୍ଗୁ।

**ଶୁଷୁରି**-ଯେଉଁବାଦ୍ୟଯନ୍ତ୍ରକୁ ପବନ ସାହାଯ୍ୟରେ ଫୁଙ୍କି ବଜାଯାଏ - କାହାଳୀ, ଶଙ୍ଖ, ଶିଙ୍ଗା, ବଂଶୀ, ମହୁରି।

**ଘନ**- ଧାତୁ କିମ୍ବା କାଠରେ ତିଆରି ବାଦ୍ୟଯନ୍ତ୍ର ଯାହାକୁ ପିଟିପିଟି ଧ୍ୱନି ବା ଶବ୍ଦ ସୃଷ୍ଟି କରାଯାଇଥାଏ- ଝାଞ୍ଜ,ଘଣ୍ଟ,ଘଣ୍ଟି, ଦାସକାଠିଆ ଏପରି ଅନେକ ଲୋକବାଦ୍ୟ ରହିଛି।

**ମୃଦଙ୍ଗ**- ଏହି ବାଦ୍ୟଟି ମାଟିହାଣ୍ଡିରେ ତିଆରି ହୋଇଥାଏ। ଏହାର ମୁହଁଟି ୪/୫ଇଞ୍ଚ ବ୍ୟାସ ଏବଂ ଅନ୍ୟପଟ ମୁହଁଟି ପ୍ରାୟ ଫୁଟେ ବ୍ୟାସର ହେବ। ଚମଡ଼ାରେ ଏହାର ଦୁଇପାଖ ମୁହଁକୁ ବନ୍ଦ କରାଯାଇଥାଏ । ଚମଡ଼ାରେ ଫିତା ବନ୍ଧା ଯାଇଥାଏ। ଏହାକୁ ଖୋଳ ଭାବେ କେହି କେହି କୁହନ୍ତି। କେତେକ ଏହାକୁ ଦକ୍ଷିଣୀ ବୋଲି କୁହନ୍ତି। ଏହା ଗାଁ ଗହଳିରେ ସଂକୀର୍ତ୍ତନ ମଣ୍ଡଳିରେ କଳାକାରମାନେ ବଜାଇ ନାମ ସଂକୀର୍ତ୍ତନ କରିଥାନ୍ତି। ଆ ।ଜି କ ।ଲି କେତେକ କାଠର ଗଣ୍ଡିକୁ ଖୋଳକରି ଏହି ମୃଦଙ୍ଗ ତିଆରି କରାଯାଇପାରୁଛି। ଏହା ମଙ୍ଗଳ ମହୋତ୍ସବରେ ବଜାଯାଇଥାଏ।

**ଖଞ୍ଜଣି**- ଏହା ଗମ୍ଭାରି କିମ୍ବା ଆଙ୍କୁଲ କି ପଣସ ଆଦି କାଠରେ ତିଆରି କରାଯାଇଥାଏ। ଏହାର ଏକପାଖରେ ଗୋଧି ଚମ୍‌ଡ଼ାକୁ ଅଠାଦ୍ୱାରା ଲଗାଯାଇଥାଏ। ତୁମ୍ବାର ମଝିରେ ତିନୋଟି ଗାତ କରାଯାଇ ସେହି ସ୍ଥାନରେ ମୋଟାତାର କିମ୍ବା କଣ୍ଟା ଦ୍ୱାରା ଛୋଟ ଛୋଟ ଗିନି ଖଞ୍ଜା ଯାଇଥାଏ। ଏହାକୁ ବାଦନ କଲେ ସ୍ୱତନ୍ତ୍ରଶବ୍ଦର ଧ୍ୱନି ସୃଷ୍ଟି କରେ। ମହିମା ଧର୍ମର ସାଧୁମାନେ ଏହି ଖଞ୍ଜଣି ବଜାଇ ଭଜନଗାନ କରିଥାନ୍ତି। ସେହିପରି ଗାଁ ଭାଗବତ ଟୁଙ୍ଗିରେ ଭଗବତପ୍ରେମୀମାନେ ବଜାଇଥାନ୍ତି। ।

**କେନ୍ଦରା**-ଏହା ଏକ ବାଉଁଶବାଡ଼ିରେ ତିଆରି ଲୋକବାଦ୍ୟ। ଏକପାଖେ ଏକ ନଡ଼ିଆ ଷଢେଇ ଖୋଳକୁ ସଂଯୋଗ କରାଯାଇଥାଏ। ସେହି ସଢେଇମୁହଁରେ ଗୋଧିଚମଡ଼ାକୁ ଅଠାଦ୍ୱାରା ଆଚ୍ଛାଦିତ କରାଯାଇଥାଏ। ଏହାପରେ ବାଉଁଶର ଦୁଇପାର୍ଶ୍ୱକୁ ସରୁ ତାର ଦ୍ୱାରା ବନ୍ଧାଯାଇଥାଏ। ଏହି ତାରକୁ ଟାଣ ଓ ହୁଗୁଳା କରିବା ପାଇଁ ବାଉଁଶ ବାଡ଼ିର ଅଗ୍ରଭାଗରେ ଏକ ବାଉଁଶ କିଳାଖଞ୍ଜା ଯାଇଥାଏ। ଏହି କିଳାରେ ତାରକୁ ବାନ୍ଧି ରଖିବା ସହ ବଜାଇବାରେ ସାହାଯ୍ୟ କରିଥାଏ। ଏହି ତାରକୁ ଟାଣକରିବା ସହ ସ୍ୱରକୁ ଠିକ ରୂପେ ସ୍ୱର ଦେବା ପାଇଁ ଚମଡ଼ା ଉପରେ ଏକ ଛୋଟ ବାଉଁଶ ପାତି ଖଞ୍ଜା ଯାଇଥାଏ। ଯାହାଦ୍ୱାରା ତାରଟି ଚମଡ଼ା ଠାରୁ ଅଳ୍ପ ଉପରେ ରହେ। ଏବଂ ଠିକ ସ୍ୱର ଉତ୍ତୋଳନ କରିଥାଏ। ଏହାର ସଢେଇ ଅଂଶଟି ଛାତିକୁ ଲଗାଇ ବା ସହ ବାଉଁଶ ଦଣ୍ଡର ଶେଷ ଅଂଶଟି ବାମହାତ ପାପୁଲିରେ ସଂଯୋଗ ହୋଇଥାଏ। ସ୍ୱର ସୃଷ୍ଟି ପାଇଁ ୫/୭ ଘୋଡ଼ାବାଳର ଗୁଣ ଦିଆଯାଇଥାଏ। ଏକ ଛୋଟ ବାଉଁଶ ପାତିଆର କାଣ୍ଡ ଅବଶ୍ୟକ ପଡ଼େ। ଏହି କାଣ୍ଡ ପାତିଆକୁ ଡାହାଣ ହାତରେ ଧରି ତାର ଉପରେ ଘୋଡ଼ାବାଳକୁ ଆସ୍ତେ ଆସ୍ତେ ଘର୍ଷଣ କଲେ ସେଥିରୁ ମଧୁର ସ୍ୱର ବାହାରି ଆସେ। ଏହାକୁ ତାଳ ଦେଇ ଗାଁ ଗହଳିରେ ଟିକା ଗୋବିନ୍ଦ ଚନ୍ଦ୍ର ଶରୀରଭେଦ ଭଜନ ଗାନ କରାଯାଇଥାଏ । ଏଥିରୁ ଏକ କରୁଣ ସ୍ୱର ଶୁଭେ।

**ମହୁରି**-ଏହା ଏକ ପିତ୍ତଳରେ ତିଆରି ବାଦ୍ୟଯନ୍ତ୍ର। ଏହାର ଲମ୍ବ ପ୍ରାୟ ଏକଫୁଟଠାରୁ ଟିକେ ଅଧିକ। ମୁହଁଟି ଦେଢ ଇଞ୍ଚ ବ୍ୟାସର ଛତ୍ରାକାର ହୋଇଥାଏ। ଅଗ୍ରଭାଗଟି ସରୁ ହୋଇ ଛୋଟ ରନ୍ଧ୍ରଟିଏ ଥାଏ। ଏଥିରେ ବେତ କିମ୍ବା ବାଉଁଶ ପାତିର ଦୁଇଟି ଫାଳକୁ ସୂତା ଦ୍ୱାରା ବାନ୍ଧି ସେହି ରନ୍ଧ୍ରରେ ମହୂଅଠାଦ୍ୱାରା ଖଞ୍ଜାବାଉଁଶ ପାତି ଦେଇ ଫୁଙ୍କିଲେ ସ୍ୱର ଉତ୍ପନ୍ନ ହୁଏ। ଏହା ବିଶେଷ କରି ବିବାହ ଉତ୍ସବ ଯାନିଯାତରାରେ ବଜାଯାଇଥାଏ। ଏହା ଦଣ୍ଡନାଚ,ପ୍ରହ୍ଲାଦ ନାଚରେ ଆବଶ୍ୟକ ପଡ଼େ।





**ଧୁଡୁକି–** ଏହା ଗମ୍ଭାରି କାଠରେ ତିଆରି ଏକ ଖୋଳ । ଏହାର ବ୍ୟାସ ପ୍ରାୟ ୬ଇଞ୍ଚ ଓ ଲମ୍ବ ପ୍ରାୟ ଏକଫୁଟ ହୋଇଥାଏ । ଏହାର ତୁମ୍ବା ପ୍ରାୟ ୧/୪ ଇଞ୍ଚର ପତଳା କରାଯାଇଥାଏ । ଯାହା ଦ୍ୱାରା କି ବଜାଇବାରେ ଭିନ୍ନସ୍ୱର ଉତ୍ପନ୍ନ ହୁଏ । ଏହାର ଗୋଟିଏ ପାର୍ଶ୍ୱମୁହଁରେ ଗୋଧିର ଚମଡ଼ାରେ ଆବଦ୍ଧ କରାଯାଇଥାଏ । ଧୁଡୁକି ତୁମ୍ବାର ଲମ୍ବଠାରୁ ପ୍ରାୟ ୬ଇଞ୍ଚ ବଳକା କରି ସୁତା କିମ୍ବା ଘୋଡ଼ାବାଳ ବନ୍ଧାଯାଇଥାଏ । ସୁତାରୁ ବନ୍ଧାଯାଇଥିବା କାଠ ଖଣ୍ଡକୁ ହାତରେ ଧରି ଧୁଡୁକିକୁ କାଖରେ ଜାକି ବାଦକ ନିଜ ଅଙ୍ଗୁଳି ନଖରେ କିମ୍ବା ପ୍ଲାଷ୍ଟିକ ଖଣ୍ଡରେ ବଜାଇଥାନ୍ତି । ନିଜ ପାପୁଲିରେ ସୁତାକୁ ଟାଣି ଧରିଥିବା କାଠଖଣ୍ଡର ଦୁଇ ପାର୍ଶ୍ୱରେ ଛୋଟ ଘୁଙ୍ଗୁର ବନ୍ଧା ଯାଇଥାଏ । ଏହି ଧୁଡୁକିକୁ ବାଦକ ଗୀତ ଗାଇ ଗାଇ ବଜାଇଥାନ୍ତି । ଗାଁ ଗହଳିରେ ପୁରାଣ ସୁଆଙ୍ଗ ବୋଲିବା ସମୟରେ ବଜାଯାଇଥାଏ ।

**ନାଗେଶ୍ୱର**–ଏହା ଲାଉ ତୁମ୍ବା ଓ ସରୁବାଉଁଶ ନଳ ଖଣ୍ଡରେ ତିଆରି । ଏକ ପାଚିଲା ଲାଉତୁମ୍ବାରୁ ରସ ବାହାରକରି ତୁମ୍ବାର ଠିକ୍ ନାଭି ସ୍ଥଳରେ ଏକ ଗର୍ତ୍ତ କରାଯାଇ ସେଥିରେ ୭ଗୋଟି କଣାଯୁକ୍ତ ବାଉଁଶନଳକୁ ଗହମ କିମ୍ବା ଶିଠା ଦ୍ୱାରା ସଂଯୋଗ କରାଯାଇଥାଏ । ଏହାର ଉପରକୁ ଲମ୍ବିଥିବା ଡେଙ୍ଗର ସରୁ ମୁଖଟିକୁ ଛୋଟ କଣାକରି ସେଥିରେ ବେତ ବାଉଁଶର ସରୁପାତିର ଦୁଇଟି ଫାଳକୁ ଶିଠା ଦ୍ୱାରା ଆବଦ୍ଧ କରାଯାଇଥାଏ । ଏହାର ବେକ ପାଖରେ ଏକ କ୍ଷୁଦ୍ରକଣା କରାଯାଇଥାଏ । ଏହି ବାଉଁଶ ପାତିକୁ ମୁହଁରେ ଲଗାଇ ଫୁଙ୍କିଲେ ଏଥିରୁ ସୁନ୍ଦର ଶବ୍ଦ ସୃଷ୍ଟି ବେଳେ ଅଙ୍ଗୁଳି ଦ୍ୱାରା ଆବଦ୍ଧ କରାଯାଇ ସ୍ୱର ଉତ୍ତୋଳନ କରାଯାଇଥାଏ । ପୂର୍ବେ ଏହି ଯନ୍ତ୍ର ବଜାଉଥିବା କଳାକାର ସାପ ଖେଳାଉଥିଲେ ।

**ବଂଶୀ**–ଏହାକୁ ସରୁ ବାଉଁଶ ନଳିରେ ତିଆରି କରାଯାଇଥାଏ । ପ୍ରାୟ୧୦ଇଞ୍ଚ ଠାରୁ ୨/୩ଫୁଟ ଲମ୍ବର ଦେଖିବାକୁ ମିଳେ । ଏହାର ସ୍ୱର ଖୁବ ମଧୁର । ଓଠରେ ଏହାକୁ ବଜାଯାଇଥାଏ । ଫୁଙ୍କିବା ପାଖରେ ବାଉଁଶର ଆରମ୍ଭରୁ ଏକ ଇଞ୍ଚ ବ୍ୟବଧାନରେ ଗୋଟିଏ ରନ୍ଧ୍ର ଥାଏ । ସପ୍ତସ୍ୱର ସୃଷ୍ଟିପାଇଁ ଛଗୋଟି ରନ୍ଧ୍ର ଥାଏ । ଦୁଇଗୋଟି ହାତ ଅଙ୍ଗୁଳି ଦ୍ୱାରା ଦୁଇହାତରେ ଆବଦ୍ଧ କରାଯାଇ ଏଥିରେ ସ୍ୱର ସୃଷ୍ଟି କରାଯାଇଥାଏ । ମହାପ୍ରଭୁ ଶ୍ରୀକୃଷ୍ଣ ଏହାକୁ ବଜାଇ ସାରା ବିଶ୍ୱକୁ ମୋହି ପାରିଥିଲେ ବୋଲି ଏହାର ନାମ ମୋହିନ ବଂଶୀ । ଶାସ୍ତ୍ରୀୟ ସଙ୍ଗୀତଗାନରେ, ଓଡ଼ିଶୀ, ଚମ୍ପୁ, ଛାନ୍ଦ ଏବଂ କୃଷ୍ଣଲୀଳା, ରାଧାପ୍ରେମଲୀଳାରେ ବଜାଯାଇଥାଏ । ଏପରିକି ଆଦିବାସୀ ନୃତ୍ୟରେ ମଧ୍ୟ କେହି କେହି ବଜାଇଥାନ୍ତି ।

**ଶଙ୍ଖ**– ଏହା ଏକ ସାମୁଦ୍ରିକ ଜୀବରଅଙ୍ଗ । ଶାମୁକା ଯାତୀୟ ଅଟେ । ହିନ୍ଦୁ ଧର୍ମରେ ଶଙ୍ଖର ବିଭିନ୍ନ ନାମକରଣ ରହିଛି । ଏହାର ଧ୍ୱନିକୁ ଶୁଭସୂଚକ ଭାବେ ମର୍ଯ୍ୟାଦା ଦିଆଯାଇଥାଏ । ଏହା ଛୋଟ ବଡ଼ ବିଭିନ୍ନ ପ୍ରକାରର ମିଳିଥାଏ । ଏହାର ପେଟ ଅଂଶଟି ଅଳ୍ପ ଫାଙ୍କାଥାଏ । ଏହାକୁ ଫୁଙ୍କିଲେ ପେଟର ଫାଙ୍କାଦେଇ ଧ୍ୱନି ସୃଷ୍ଟି ହୋଇଥାଏ । ପୂର୍ବେ ପୌରାଣିକ ଯୁଗରେ ଯୁଦ୍ଧର ଆରମ୍ଭ ଓ ଶେଷର ସଙ୍କେତ ପାଇଁ ବଜାଯାଉଥିଲା । ଠାକୁରଙ୍କ ପୂଜାର୍ଚ୍ଚନା, ଯଜ୍ଞ, ମଙ୍ଗଳମୟ ପାଇଁ ଯାତ୍ରାସମୟରେ ଶୁଭଶଙ୍ଖ ବଜାଯାଇଥାଏ ।

**ତୁରୀ**– ଏହା ପିତ୍ତଳରେ ତିଆରି ହୋଇଥାଏ । ପ୍ରାୟ ଦେଢ଼ଫୁଟ ଲମ୍ବର । ଏହା ଉପରକୁ ସାଧାରଣତଃ ବଙ୍କା ରହିଥାଏ । ଏହାର ମୁହଁଟି ୨/୩ଇଞ୍ଚ ବିଶିଷ୍ଟ ଛତ୍ରାକାର ହୋଇଥାଏ । ଏହାର ଅଗ୍ରଭାଗଟି ସରୁ ଓଠରେ ଫୁଙ୍କିବା ଦ୍ୱାରା ଖୁବ୍ ଉଚ୍ଚସ୍ୱର ଶବ୍ଦ ଉତ୍ପନ୍ନ ହୁଏ । ଏହି ବାଦ୍ୟଯନ୍ତ୍ରଟି ଗୋଟିଏ ଅଂଶରେ ତିଆରି ହୋଇଥାଏ ।

**କାହାଳୀ**–: ଏହା ଏକ ସରୁ ବାଦ୍ୟଯନ୍ତ୍ର ଅଟେ । ଏହାର ଲମ୍ବ ପ୍ରାୟ ୩/୪ଫୁଟ ହୋଇଥାଏ । ଏହାର ମୁହଁଟି ୨ଇଞ୍ଚ ବ୍ୟାସ ହୋଇଥାଏ । ଏହା ପିତ୍ତଳରେ ତିଆରି । ଏହାର ଶରୀରଟି ତିନୋଟି ଭାଗରେ ବିଭକ୍ତ । ଏହାର ତିନୋଟି ଦଣ୍ଡକୁ ସଂଯୋଗକରି ଫୁଙ୍କିଲେ ବାଜିଥାଏ । ଏହା ବିଭିନ୍ନ ପର୍ବପର୍ବାଣି ଏବଂ ପୌରାଣିକ ସମର କ୍ଷେତ୍ରରେ ବଜାଯାଇଥାଏ ।

**ଘଣ୍ଟି**–:ଏହା ପିତ୍ତଳରେ ତିଆରି । ଏହାର ଗର୍ଭମଧ୍ୟରେ ଏକ ପିତ୍ତଳର ଜିଭ ଲାଗିଥାଏ । ଉପରେ ଝୁଲେଇବା ପାଇଁ ଆଙ୍କୁଡ଼ା ଓ ହାତରେ ଧରିବା ପାଇଁ ଛୋଟ ଦଣ୍ଡଟିଏ ରହିଥାଏ । ଠାକୁରଙ୍କ ଆଳତି ଓ ବିଭିନ୍ନ ପୂଜାର୍ଚ୍ଚନାରେ ବଜାଯାଇଥାଏ । ତେବେ ବିଭିନ୍ନ ଆକୃତିର ଘଣ୍ଟି ରହିଛି । ଭକ୍ତମାନେ ମନ୍ଦିରକୁ ପ୍ରବେଶ କଲାବେଳେ ଏପରି କେତେକ ସ୍ଥାନରେ ଘଣ୍ଟିକୁ ବଜାଇଥାନ୍ତି । ସେହିପରି ନାଗାର୍ଜୁନ ନାଚ ଏବଂ ଜାନୁଘଣ୍ଟ ପର୍ଶୁରାମ ଗାଁରେ ଯାତ୍ରା କରୁଥିବାବେଳେ ଏକପ୍ରକାରର ଘଣ୍ଟିକୁ ଜାନୁରେ ବାନ୍ଧି ଚାଲିଲେ ଏହି ଘଣ୍ଟି ବାଜିଥାଏ ।

**ଘଣ୍ଟ**–ଏହା ପିତ୍ତଳରେ ତିଆରି । ଏକ ଫୁଟ ବ୍ୟାସ ଓ ଦେଢଫୁଟ ଇଞ୍ଚ ଗଭୀରର ଏକ ପତଳା ବାଦ୍ୟ ଅଟେ । ଏହାର ଚତୁଃପାର୍ଶ୍ୱ ଧାରରେ ଦୁଇଟି କଣା କରାଯାଇଥାଏ । ସେଥିରେ ରଶି ବନ୍ଧା ଯାଇଥାଏ । ଏହାକୁ ବାମ ହାତରେ ଅଙ୍ଗୁଳି ଝୁଲାଇଧରି ବାଦକ ଦକ୍ଷିଣ ହସ୍ତରେ ବେତ କିମ୍ବା କେନ୍ଦୁ,ବାଉଁଶବାଡ଼ିରେ ପିଟିବା ଦ୍ୱାରା ଢାଇଁଢାଇଁ ଧ୍ୱନି ସୃଷ୍ଟିକରି ବାଜିଥାଏ । ହିନ୍ଦୁ ଧର୍ମର ପୂଜାପର୍ବରେ ଘଣ୍ଟର ଭୂମିକା ରହିଛି । ଘଣ୍ଟକାଳିଶି ଦଶହରା ଏବଂ ଚୈତ୍ରମାସରେ ଗାଁରେ ଘୂରି ବୁଲି ଘଣ୍ଟ ବଜାଇ ନାଚୁଥାନ୍ତି । ରଥ ସମୟରେ ଘଣ୍ଟୁଆମାନେ ସୁନ୍ଦର ଭାବେ ଘଣ୍ଟ ବଜାଇଥାନ୍ତି ।

**ଗିନି**– ଏହାକୁ ଦୁଇ ହାତରେ ଧରି ବଜାଯାଇଥାଏ । ଏହା ଦୁଇ/ ତିନିଇଞ୍ଚ ବ୍ୟାସର ମୋଟା ପିତ୍ତଳଥାଳି ଅଟେ । ଏହାର ମଧ୍ୟରେ ଛୋଟକଣା ଥାଏ । ଏହି କଣାରେ ସୂତା ଦେଇ ତଳପଟରେ ଗଣ୍ଠି ପକାଯାଇଥାଏ । ଦୁଇଟି ଗିନିଥାଳକୁ ସୂତାରେ ଦୁଇପାର୍ଶ୍ୱରେ ବାନ୍ଧି ବଜାଯାଇଥାଏ । ରାମଲୀଳା, ମେଳା, ହରିନାମ ସଂକୀର୍ତ୍ତନରେ ବଜାଯାଇଥାଏ ।

**ଝାଞ୍ଜ**–ଏହା ପତଳା ପିତ୍ତଳରେ ତିଆରି ଓ ପ୍ରାୟ ଛଅ ଇଞ୍ଚ ବ୍ୟାସର ଏକ ଥାଳି ଅଟେ । ଏହାର ଗଠନ ଗିନି ଆକୃତିର । ଗିନି ପରି ମଧ୍ୟ ବଜାଯାଇଥାଏ । ଏହା ଖୁବଜୋରରେ ଝାଇଁ ଝାଇଁ ଧ୍ୱନି ସୃଷ୍ଟିକରେ ପାଲା,ରାଧାପ୍ରେମଲୀଳାରେ । ହିନ୍ଦୁ ପର୍ବପର୍ବାଣି ସମୟରେ ଠାକୁରଙ୍କ ପାଟପଟୁଆର ପରିକ୍ରମାବେଳେ ଏହି ଝାଞ୍ଜକୁ ବଜାଯାଇଥାଏ ।

**ଦାସକାଠିଆ**–ଦାସ ଅର୍ଥ ଭୃତ୍ୟ ବା ଭକ୍ତ । ଦକ୍ଷିଣ ଓଡ଼ିଶାରେ ରାମତାଳିକୁ କେହି କେହି ଦାସକାଠିଆ ବୋଲି କୁହନ୍ତି । ଶିଶୁ କିମ୍ବା ଶାଗୁଆନ କାଠରେ ତିଆରି ହୁଏ ଦାସକାଠିଆ । ଏହା ପ୍ରାୟ ଛଅ, କି ସାତ ଇଞ୍ଚର ଦୁଇଫାଳ କାଠର ସମଷ୍ଟି । ଏଥିରେ ଜଡ଼ା କିମ୍ବା ରାଶିତେଲ ଦେଇ ଖରାରେ ଶୁଖାଇ ଦିଆଯାଇଥାଏ । ଏହାର ଦୁଇକାଠିର ସମତଳକୁ ବାଜିବାରେ ସହାୟକ ହୋଇଥାଏ । ହାତ ଅଙ୍ଗୁଳିରେ ଚାପି କାଠିକୁ ଆଘାତ ଦେଲେ ଦାସକାଠିଆ ବାଜେ । ଦାସକାଠିଆର ଅଗ୍ର ଭାଗରେ ଝୁମୁକା ଲାଗିଥାଏ । କାଠିକୁ କାଠି ବାଜିଲେ ଠକଠକ ଶବ୍ଦ ସୃଷ୍ଟି ହୁଏ । ଝୁମୁକା ଏଥିସହିତ ବାଜିଥାଏ । ରାମୟଣ ଗାୟନରେ କଳାକାର ଏହାକୁ ବଜାଇଥାନ୍ତି ।


**ଢୋଲ**–ପଣସ କିମ୍ବା ଗମ୍ଭାରି କାଠ ଆଦି କେତେକ ଚେମଟା ଓ ହାଲକା କାଠର ବଡ଼ଗଣ୍ଡିକୁ ମାପ ଅନୁସାରେ କଟାଯାଇ ଖୋଳ କରାଯାଇଥାଏ । ଏହାର ଦୁଇପାଖ ମୁହଁ ପ୍ରାୟସମାନ ରହିଥାଏ । ଗୋରୁ ଚମଡ଼ାରେ ଖୋଲାମୁହଁକୁ ଆବଦ୍ଧ କରାଯାଇଥାଏ । ଚମଡ଼ାକୁ ରଶି କିମ୍ବା ଚମଡ଼ା ଫିତାରେ ଟାଣକରି ବନ୍ଧା ଯାଇଥାଏ । ଏହାର ବ୍ୟାସ ପ୍ରାୟ ୧୧/୨ ଫୁଟରୁ ୨ଫୁଟ ଏବଂ ଲମ୍ବ ୨୧/୨ଫୁଟ ରୁ ପ୍ରାୟ ୩ଫୁଟ ମଧ୍ୟରେ ହୋଇଥାଏ । ଚମଡ଼ାରେ ମଧ୍ୟଭାଗରେ ଶଗଡ଼କାଳିରେ କିରଣକରି ଅଠାଦ୍ୱାରା ଲଗାଯାଇଥାଏ । ଏକପାଖକୁ ଧେୟା ଅନ୍ୟପାର୍ଶ୍ୱଟି ଚାୟା କୁହାଯାଏ । ଏହାକୁ ଦୁଇହାତରେ ଦୁଇପାର୍ଶ୍ୱକୁ ବଜାଯାଇଥାଏ । ଏକ ହାତରେ ଛୋଟ ବାଡ଼ି ପ୍ରାୟ୮ରୁ୧୦ଇଞ୍ଚର ଧରି ଢୋଲକୁ ପିଟାଯାଉଥିବାବେଳେ ଅନ୍ୟପଟ ହାତର ଅଙ୍ଗୁଳି ଚାଳନା କରାଯାଇଥାଏ । ଏହା ଦ୍ୱାରା ଏହି ବାଦ୍ୟରୁ ସ୍ୱତନ୍ତ୍ର ଶବ୍ଦ ହୋଇଥାଏ ।

**ବିଗୁଲ**– ଏହା ତମ୍ବାରେ ତିଆରି । ଏହାର ମୁହଁଟି ଚେପଟା ଓ ପୋଲା ହୋଇଥାଏ । ଏହି ବାଦ୍ୟଯନ୍ତ୍ରର ଶରୀରଟି ନଳ ସଦୃଶ । ଏହାର ଦୁଇମୁହଁକୁ ଆବଦ୍ଧ କରାଯାଇଥାଏ । ଉପର ପଟରେ ସରୁକଣାଟିଏ ରହିଥାଏ । ଏହି ନଳି ଭିତରେ ଛୋଟ ଗୋଡ଼ି କିମ୍ବା ଗୋଲମଞ୍ଜି ପକାଯାଇଥାଏ । ଏହାକୁ ଫୁଙ୍କିଲେ ପବନ ଦ୍ୱାରା ମଞ୍ଜିଟି ତମ୍ବାରେ ବାଡ଼େଇ ହୋଇ ଧ୍ୱନି ସୃଷ୍ଟିକରେ । ଏହାକୁ ବିଭିନ୍ନ ଯାତ୍ରା ଓ ନାଟକ ମଞ୍ଚରେ ବଜାଯାଇଥାଏ । ଏପରିକି କେତେକ ଖେଳସମୟରେ ମଧ୍ୟ ବଜାଯାଉଥିବା ଦେଖିବାକୁ ମିଳେ ।

**କେତେକ ଲୋକବାଦ୍ୟ**– ଖୋର୍ଦ୍ଧାର ବରୁଣେଇ ନିକଟରେ ପ୍ରତିଷ୍ଠିତ ନାଟ୍ୟଚେତନାର ନାଟ୍ୟଗ୍ରାମରେ ନାଟ୍ୟଜ୍ଞାନ ସଂଗ୍ରହାଳୟରେ ଦେଖିବାକୁ ମିଳେ ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟଯନ୍ତ୍ର । ମୃଦଙ୍ଗ, ଘଣ୍ଟ, ଘଣ୍ଟି, ବଂଶୀ, ଶଙ୍ଖ, ଢୋଲ, ନିଷାନ, ତାତ, ମହୁରି, ତୂରୀ, କାହାଳୀ, ଭେରୀ, ଏକା, ଢେ, ଖଞ୍ଜଣି, ଘୁମୁରା, ଚାଙ୍ଗୁ, ଗିନି, ଝାଞ୍ଜ, ଡମ୍ବୁର, ଢଣକୋଇଲା, ଢେମସା, ସିଂହବାଦ୍ୟ, ଅଜଗର, ଯୋଡ଼ିନାଗରା, ତବଲା, ଗୋପିଯନ୍ତ୍ର, ଟୁଇଲା, ଡୁଣ୍ଡୁଣୀ, ମର୍ଦ୍ଦଳ, ମଙ୍ଗନ, ଭୁଆଙ୍ଗ, ବେନା, କେନ୍ଦରା, ଚଡ଼ଚଡ଼ି, ଚକ୍ର, ନାଗେଶ୍ୱର, କାହାଳୀ, ଘୁଡୁକି, ଡ଼ିବିଡ଼ିବି, ଦାସକାଠିଆ, ଝୁମୁକା ଆଦି ଲୋକବାଦ୍ୟ ସମ୍ପର୍କରେ ସୁବୋଧ ପଟ୍ଟନାୟକ କୁହନ୍ତି ଏମିତି ଆହୁରି ଅନେକ ବାଦ୍ୟଯନ୍ତ୍ର ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ କୁହନ୍ତି, ଲୋକବାଦ୍ୟ ଓ ଲୋକକଳାର ଲୋକପ୍ରିୟତା ଓ ବିକାଶ ପାଇଁ ରାଜ୍ୟ ସରକାର ତରଫରୁ ବିଭିନ୍ନ ଯୋଜନାରେ କାର୍ଯ୍ୟକ୍ରମ ହୋଇଥାଏ ।

–ବନବିହାରୀ ବେହେରା







# ଫ୍ୟାଶନ୍‌ରେ ନୂଆ ସମ୍ଭାବନା



ସ୍ବପ୍ନ ଥିଲା କିଛି ନୂଆ କରିବାର। ନିଜର ଏକ ପରିଚୟ ତିଆରି କରିବାର। ନୂଆ ନୂଆ ପୋଷାକ ପ୍ରତି ରୁଚି ତାଙ୍କୁ ପ୍ରେରଣା ଦେଇଥିଲା 'ଫ୍ୟାଶନ ଡିଜାଇନ'ରେ କ୍ୟାରିୟର କରିବାକୁ। ଇଏ ଥିଲେ ପୁରୀ ବାସେଳି ସାହି ନିବାସୀ ପିତା ବ୍ରଜବଲ୍ଲଭ ପଟ୍ଟନାୟକ ଏବଂ ମାତା ଶାନ୍ତିମୟୀ ପଟ୍ଟନାୟକଙ୍କ କନିଷ୍ଠ ସନ୍ତାନ ରାମ ପଟ୍ଟନାୟକ। ମାତାପିତାଙ୍କ ଇଚ୍ଛା ଥିଲା ପୁଅ ଇଞ୍ଜିନିୟର ହେଉ। କିନ୍ତୁ ତାଙ୍କର ଫ୍ୟାଶନ ପ୍ରତି ଥିଲା ଅହେତୁକ ଆକର୍ଷଣ।

ଏ ସମ୍ପର୍କରେ ରାମ କୁହନ୍ତି, 'ମୋ' ପୂରା ପରିବାର ମତେ ଏକ୍ଷେତ୍ରରେ ସହଯୋଗ କରିବା ସହ ପ୍ରେରଣା ଦେଇଆସିଛନ୍ତି। ବିଏସସି ପରେ ମୁଁ ୧୯୯୪ ମସିହାରେ ସାଉଥ ଦିଲ୍ଲୀରେ ଆଇଆଇଏଫଟି(ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାଶନ ଟେକ୍ନୋଲୋଜି)ରେ ଦୁଇ ବର୍ଷିଆ ଡିପ୍ଲୋମା କୋର୍ସ କରିଥିଲି। କୋର୍ସ ସରିବା ପରେ ଗୋଟିଏ ଆଡ୍ ଏଜେନ୍ସିରେ ଟ୍ରେନି ଭାବରେ ଜଏନ କଲି। ୧୯୯୮ ମସିହାରେ ଗୁରୁଗାଓଁରେ ଜିଏନଇ(ଗୁରୁନାନକ ଏକ୍ସପୋର୍ଟ) ହାଉସରେ ଡିଜାଇନର କମ୍ ପ୍ରଡକ୍ସନ ହେଡ୍ ଭାବରେ ନିଯୁକ୍ତି ପାଇଲି ଓ ଏକ୍ସପୋର୍ଟ ସହିତ ଡିଜାଇନ ପ୍ରଡକ୍ସନ ଏବଂ ଅର୍ଡର ଦେଖିବା କାମ ବି କଲି। ୧୦ବର୍ଷ କାମ କଲାପରେ ଜି.ଏନ.ଇ ହାଇ ଫ୍ୟାଶନ ସେକ୍ଟରରେ ପଦାର୍ପଣ କରି ନିଜର ଶୋ'ରୁମ ଖୋଲିଲି। ସେତେବେଳେ ମଧ୍ୟ ଏକ୍ସପୋର୍ଟ ସହ ଡିଜାଇନ ଓ କ୍ଲାଏଣ୍ଟଙ୍କୁ ଦେଖୁଥିଲି। ୨୦୧୭ ପର୍ଯ୍ୟନ୍ତ ଏଠାରେ କାର୍ଯ୍ୟରତ ଥିଲି। ନିଜେ କିଛି କରିବା ଉଦ୍ଦେଶ୍ୟରେ ଏଠାରୁ କାମ ଛାଡି ବର୍ଷେ ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀରେ ମୁକ୍ତ ଭାବେ କାମ କରିଥିଲି। ତା'ପରେ ୨୦୧୮ରେ ''ରୋନକ ଆପାରେଲ୍ସ'' ନାମରେ ନିଜର ଏକ କମ୍ପାନୀ ଖୋଲିଲି। ଏଠାରେ ଦେଶର ବିଭିନ୍ନ ରାଜ୍ୟରୁ କାରିଗରମାନେ କାମ କରୁଛନ୍ତି। ୟୁକେ, ୟୁଏସଏ, କାନାଡା ଆଦି ଦେଶର ବିଭିନ୍ନ ଶୋ'ରୁମକୁ ରପ୍ତାନି କରିବା ସହିତ ଦେଶ ଭିତରେ ଅନେକ ଶୋ' ରୁମକୁ ମଧ୍ୟ ଆମର ହାଇ ଫ୍ୟାଶନ୍ ଗାରମେଣ୍ଟ ସପ୍ଲାଇ କରାଯାଉଛି। ବିଦେଶରେ ଏହି ସବୁ ପୋଷାକର ଚାହିଦା ବହୁତ। ଯାହା ମୁଁ କାନାଡା ୱେଡିଂ ବ୍ରାଇଡାଲ ଫ୍ୟାଶନ୍ ଶୋ' ଓ ଲଣ୍ଡନ ବ୍ରାଇଡାଲ୍ ଫ୍ୟାଶନ ଶୋ'ରେ କାମ କରି ମୁଁ ଅନୁଭବ କରିଥିଲି। ଏବେ ମୁଁ ୟୁଏସ୍ ବେସ୍‌ଡ ଅନ୍‌ଲାଇନ୍ କମ୍ପାନୀ ପାଇଁ ଡିଜାଇନ୍ କରୁଛି। ତେବେ ଓଡ଼ିଶାରେ ଫ୍ୟାଶନ କ୍ଷେତ୍ରରେ କିଛି କରିବା ପାଇଁ ପ୍ରଥମରୁ ଆଗ୍ରହ ଥିଲା। ୨୦୦୨ ମସିହାରେ ଆର.ଆର. କ୍ରିଏସନ୍ସ ନାମରେ ଏକ ଜେଣ୍ଟ୍ସ ଫ୍ୟାଶନ ଷ୍ଟୁଡିଓ ଖୋଲିଥିଲି। ଅନୁଭବୀ କାରିଗର ନ ମିଳିବା ଯୋଗୁ ଏଥିରେ ସଫଳତା ମିଳିପାରି ନ ଥିଲା। କିନ୍ତୁ ଏବେ ଓଡ଼ିଶାରେ ଖଦୀକୁ ନେଇ କାମ କରିବାର ଅଛି। ଖଦୀକୁ ନେଇ ସମର୍ କଲେକ୍ସନ କରିବାର ଯୋଜନା ରହିଛି। ତାସହ ଓଡ଼ିଶାର କଳାକୃତିକୁ ହାଇ ଫ୍ୟାଶନର ରୂପ ଦେବା ପାଇଁ ସ୍ୱପ ରହିଛି।' କେବଳ ଫ୍ୟାଶନ ନୁହେଁ, ଇଣ୍ଟେରିୟର ଡେକୋରେଶନ ପେଣ୍ଟିଙ୍ଗ, କ୍ରିଏଟିଭ ଫିଲ୍ମ ଆଦିରେ ତାଙ୍କର ରୁଚି ରହିଛି। ସ୍ତ୍ରୀ ରଞ୍ଜିତା ଓ ପୁଅ ରୋନକକୁ ନେଇ ତାଙ୍କର ସଂସାର। ରଞ୍ଜିତା ମଧ୍ୟ ଜଣେ ଫ୍ୟାଶନ ଡିଜାଇନର ଓ ସେ ସବୁ କ୍ଷେତ୍ରରେ ତାଙ୍କୁ ସହଯୋଗ କରିଆସିଛନ୍ତି।









# ଡିପ୍ରେଶନ୍ ଦୂର କରେ ଅଙ୍ଗୁର

କାମର ଚାପ ହେଉକି ପାରିବାରିକ ସମସ୍ୟା ଆଜିକାଲି ଅନେକେ ଡିପ୍ରେଶନ୍ ବା ଅବସାଦର ଶିକାର ହେଉଛନ୍ତି। ଏଥିରୁ ମୁକୁଳିବା ପାଇଁ କିଏ କେତେ ଉପାୟ ଆପଣାଉଛନ୍ତି। ତେବେ ଜାଣି ଖୁସି ହେବେ ଛୋଟିଆ ଫଳ ଅଙ୍ଗୁର ଆପଣଙ୍କୁ ଏହି ସମସ୍ୟାରୁ ମୁକ୍ତ କରିପାରିବ। ଏମିତିରେ ବି ଅଙ୍ଗୁର ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି। ଏଥିରେ କ୍ୟାଲୋରୀ, ଫାଇବର୍, ଭିଟାମିନ୍ ସି ଓ ଭିଟାମିନ୍ ଇ ଥାଏ। ଆୟୁର୍ବେଦରେ ବି ଏହାକୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ବୋଲି କୁହାଯାଏ। ତେବେ ନିକଟରେ ଏକ ଗବେଷଣାରୁ ଜଣାପଡିଛି ଯେ, 'ଯଦି ଆପଣ ବିସାଦଗ୍ରସ୍ତ ଏବଂ ଏଥିରୁ ମୁକ୍ତି ପାଇବାକୁ ଚାହାନ୍ତି ତେବେ ଅଙ୍ଗୁର ନିଶ୍ଚୟ ଖାଆନ୍ତୁ। କାରଣ ଅଙ୍ଗୁର ମନୋବିକାର କମ୍ କରିଥାଏ।' ଉକ୍ତ ଗବେଷଣା ଅନୁସାରେ ଅଙ୍ଗୁରରୁ ମିଳୁଥିବା ନୈସର୍ଗିକ ତତ୍ତ୍ୱ ହତାଶା ଭଳି ମନୋବିକାର କମ୍ କରିପାରେ। ଗବେଷଣାର ମୁଖ୍ୟ ଗବେଷକ ତଥା ନ୍ୟୁୟର୍କର ମେଡିସିନ ପ୍ରଫେସର୍ ଗିୟୁଲିଓ ମାରିୟା ପସିନେତି କହନ୍ତି, 'ଅଙ୍ଗୁରରେ ଥିବା ବାୟୋଆକ୍ଟିଭ୍ ଡାୟଟାରୀ ପଲିଫିନଲ କମ୍ପାଉଣ୍ଡ ଉତ୍ତେଜନା ସହ ଜଡିତ କୋଶ ଓ ଆଣବିକ ମାର୍ଗକୁ ନଷ୍ଟ କରି ନିରାଶା ସ୍ଥିତିରୁ ବାହାରକୁ ବାହାରିବାରେ ସାହାଯ୍ୟ କରିଥାଏ। ତେଣୁ ଅଙ୍ଗୁରକୁ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରନ୍ତୁ ଏବଂ ଡିପ୍ରେଶନ୍ ସମସ୍ୟାରୁ ମୁକ୍ତି ପାଆନ୍ତୁ।





ନିଧି ଦୁଗାର କୁନ୍ଦାଲିଆ

# ଭାରତୀୟ ଲେଖିକା

ସର୍ବ ଭାରତୀୟ ସାହିତ୍ୟ ଜଗତରେ ଏବେ ଏକ ପ୍ରକାରର ପରିବର୍ତ୍ତନର ଅବହାୱା ପ୍ରବାହିତ ହେଉଛି । ବଦଳୁଥିବା ସମୟର ସ୍ୱରକୁ ଥିମ୍ ଭାବରେ ନିଆଯାଇ ଉପନ୍ୟାସ ରଚନା କରିବା ଏକ ଟ୍ରେଣ୍ଡ ପାଲଟିଛି । ବିଶେଷକରି ସମ୍ପ୍ରତି ଏକବିଂଶ ଶତାବ୍ଦୀରେ ସମ୍ପର୍କକୁ ନେଇ ତଥା ପରିବର୍ତ୍ତନଶୀଳ ସାଂସ୍କୃତିକ ପରମ୍ପରାକୁ ନେଇ ଯେଉଁ ଯୁବପିଢ଼ି ମଧ୍ୟରେ ଯେଉଁ ମାନସିକତା ଜନ୍ମ ନେଉଛି ତାହାକୁ ହିଁ ଭାରତର ନୂଆପିଢ଼ିର ଲେଖକଲେଖିକାମାନେ କଞ୍ଚାମାଲ ଭାବରେ ଗ୍ରହଣ କରୁଛନ୍ତି । ଏ କ୍ଷେତ୍ରରେ ଯେ କେବଳ ଲେଖକମାନେ ଆଗରେ ଅଛନ୍ତି ସେକଥା ନୁହେଁ; ଅଧିକନ୍ତୁ ଲେଖିକାମାନେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ।

**ମେଘନା ପନ୍ତ :** ଏହି ଟ୍ରେଣ୍ଡର ଲେଖିକାମାନଙ୍କ ମଧ୍ୟରେ ଆଗରେ ଅଛନ୍ତି ଲେଖିକା ମେଘନା ପନ୍ତ । ବହୁ ପୁରସ୍କାର ବିଜେତା ଏହି ଲେଖିକା ଜଣକ ପେସାରେ ଜଣେ ଜର୍ନାଲିଷ୍ଟ ହୋଇଥିବା ବେଳେ ଜଣେ ସୁବକ୍ତା ଭାବରେ ମଧ୍ୟ ବେଶ୍ ସୁନାମ ଅର୍ଜନ କରି ସାରିଛନ୍ତି । ମେଘନାଙ୍କର ଡେବ୍ୟୁ ନଭେଲ୍ ଥିଲା 'ୱାନ୍ ଆଣ୍ଡ ହାଫ୍ ୱାଇଫ୍' । ଏହା ୨୦୧୨ ମସିହାରେ ପ୍ରକାଶିତ ହେବା ସହିତ ବେଷ୍ଟ ସେଲର ମାନ୍ୟତା ପାଇଥିଲା । ସିମ୍ଲାରେ ଅବସ୍ଥିତ ଗୋଟିଏ ପରିବାର ଆମେରିକାକୁ ସ୍ଥାନାନ୍ତରିତ ହୋଇଯାଉଛନ୍ତି । କାରଣ ଆମେରିକା ସମଗ୍ର ବିଶ୍ୱରେ ଏକ ସ୍ୱପ୍ନ ସୃଷ୍ଟି କରିପାରିଛି ଯେ, ଏହା କେବେ କାହାର ସ୍ୱପ୍ନଭଙ୍ଗ ହେବାକୁ ଦେବନାହିଁ । ବାସ୍, ଆମେରିକାରେ ପହଞ୍ଚିବା ପରେ ପରିବାରଟିର କିଭଳି ସ୍ୱପ୍ନଭଙ୍ଗ ହେଉଛି ତାହା ହିଁ ହେଉଛି 'ୱାନ୍ ଆଣ୍ଡ ହାଫ୍ ୱାଇଫ୍'ର ବିଷୟବସ୍ତୁ । ମେଘନାଙ୍କର ଆଉ ଏକ ଉପନ୍ୟାସ ହେଉଛି 'ଦି ଟ୍ରବୁଲ ୱିଥ୍ ୱୁମ୍ୟାନ୍' । ଏହା ମଧ୍ୟ ବେଷ୍ଟ ସେଲର ମାନ୍ୟତା ହାସଲ କରିଥିଲା । ଏହି ଦୁଇଟି ବହି ସହିତ ମେଘନା ପ୍ରମାଣିତ କରିଦେଇଥିଲେ ଯେ, ସେ ପରିବର୍ତ୍ତିତ ଭାରତର ପ୍ରତିନିଧିତ୍ୱ କରିବାକୁ ସମର୍ଥ ।



ମେଘନା ପନ୍ତ

**ନିଧି ଦୁଗାର କୁନ୍ଦାଲିଆ :** ମେଘନାଙ୍କ ଭଳି ନିଧି ମଧ୍ୟ ଜଣେ ପ୍ରତିନିଧି ଶ୍ରେଣୀୟ ଯୁବ ଲେଖିକା । କୋଲକାତାରେ ଜନ୍ମିତା ନିଧି ମଧ୍ୟ ଜଣେ ଜର୍ନାଲିଷ୍ଟ । 'ଦି ଲଷ୍ଟ ଜେନେରେସନ୍' ପୁସ୍ତକ ତାଙ୍କୁ ବିପୁଳ ସଫଳତା ଆଣିଦେଇଥିଲା । ସେ ଜଣେ ସ୍ତମ୍ଭ ଲେଖିକା ତଥା ବ୍ଲଗର ମଧ୍ୟ । ତାଙ୍କର ସ୍ତମ୍ଭ ସବୁ ଦି ହିନ୍ଦୁ, ଦି ଟାଇମ୍ସ ଅଫ୍ ଇଣ୍ଡିଆ ଆଦିରେ ନିୟମିତ ଭାବରେ ପ୍ରକାଶିତ ହୋଇଥାଏ । ଲଣ୍ଡନରେ ମାଷ୍ଟର ଡିଗ୍ରୀ କରିଥିବା ଏହି ଲେଖିକା ଜଣକ ଯାହା ବି ଲେଖନ୍ତି ସାମ୍ପ୍ରତିକ ସମାଜକୁ ଆଖି ଆଗରେ ରଖି ଲେଖିଥାନ୍ତି । ତାଙ୍କ କହିବା ଅନୁଯାୟୀ, ସମ୍ପ୍ରତି ଭାରତର ଗତି ଖୁବ୍ ଦ୍ରୁତ । ଅର୍ଥାତ୍ ଲୋକମାନେ ଶୀଘ୍ର ପରିବର୍ତ୍ତନକୁ ସ୍ୱୀକାର କରି ନେଉଛନ୍ତି । ତେଣୁ ସାହିତ୍ୟ ସେହି ପରିବର୍ତ୍ତନ ସହିତ ତାଳ ଦେଇ ଚାଲିବା ଦରକାର ନ ହେଲେ ସାହିତ୍ୟ ପଛରେ ପଡ଼ିଯିବ । ପାଠକମାନେ ଆଗକୁ ଆଗେଇଯିବେ ।


ସଂହିତା ଆର୍ନି

**ଇରା ତ୍ରିବେଦୀ :** ପରିବର୍ତ୍ତନଶୀଳ ପାଠକଙ୍କର ପ୍ରତ୍ୟେକ ଚାହିଦାକୁ ପୂରଣ କରିବାର ସମର୍ଥ ରଖିଥିବା ଜଣେ ଲେଖିକା ହେଉଛନ୍ତି ଇରା ତ୍ରିବେଦୀ । କଲେଜରେ ପଢ଼ିବା ସମୟରୁ ଆରମ୍ଭ ହୋଇଥିଲା ଇରାଙ୍କ ଉପନ୍ୟାସ ଲେଖା । 'ଇଣ୍ଡିଆ ଇନ୍ ଲଭ୍' ହେଉଛି ତାଙ୍କର ଏକ ବହୁ ପଠିତ ପୁସ୍ତକ । ଏକବିଂଶ ଶତାବ୍ଦୀର ମଣିଷମାନଙ୍କ ପାଇଁ ସବୁଠୁ ମାମୁଲି କଥା ହେଉଛି ସେକ୍ସ । ବର୍ତ୍ତମାନର ସମାଜ ଆଉ ଆଗ ଭଳି ରକ୍ଷଣଶୀଳ ହୋଇ ରହିନାହିଁ । ସମସ୍ତେ ମୁକ୍ତ ମାନସିକତାକୁ ଆପଣେଇ ନେଇ ସାରିଲେଣି । ଏପରି କି ଆଗରୁ ସମାଜରେ ବିବାହକୁ ଗୁରୁତ୍ୱ ଦିଆଯାଉଥିଲା । ପଛକୁ ଆସୁଥିଲା ସେକ୍ସ । ମାତ୍ର ଏବେ ଓଲଟି ଯାଇଛି ପରିବେଶ । ଇରାଙ୍କ 'ଇଣ୍ଡିଆ ଇନ୍ ଲଭ୍' ଆପାତତଃ ଏହି ଥିମ୍‌କୁ ନେଇ ପର୍ଯ୍ୟବସିତ । ଏହା କେବଳ ଏକ ବହୁପଠିତ ପୁସ୍ତକ ନୁହେଁ ; ବହୁ ପ୍ରଶଂସିତ ଓ ପୁରସ୍କୃତ ବି ।


ଜାନାଇସ୍ ପାରିଏଟ୍

**ଜାନାଇସ୍ ପାରିଏଟ୍ :** ମୁଖ୍ୟତଃ କ୍ଷୁଦ୍ରଗଳ୍ପ ବା ସର୍ଟ ଷ୍ଟୋରି ଉପରେ ଫୋକସ୍ କରୁଥିବା ଜଣେ ପ୍ରଗତୀଶୀଳା ଯୁବ ଲେଖିକା ହେଉଛନ୍ତି ଜାନାଇସ୍ ପାରିଏଟ୍ । ଆସାମରେ ଜନ୍ମିତା ଏହି ଲେଖିକାଙ୍କର ବାଲ୍ୟ ଓ ଯୌବନ ଅତିବାହିତ ହୋଇଛି ମେଘାଳୟରେ । 'ବୋଟ୍ସ ଅନ୍ ଲ୍ୟାଣ୍ଡ' ହେଉଛି ତାଙ୍କର ଡେବ୍ୟୁ ପୁସ୍ତକ । ଏହି ପୁସ୍ତକ ପାଇଁ ତାଙ୍କୁ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ମିଳିଛି । ଜାନାଇସ୍‌ଙ୍କ ରଚନାର ମୁଖ୍ୟ ସ୍ୱର ହେଉଛି କିଶୋରାବସ୍ଥାର ମାନସିକତା । କିଶୋର କିଶୋରୀମାନେ କିଭଳି ଭାବରେ ଯାଉଥିବା ସଂସ୍କୃତି ଏବଂ ଆସୁଥିବା ସଂସ୍କୃତି ମଧ୍ୟରେ ସଂଘର୍ଷରତ ଏହା ହେଉଛି ତାଙ୍କ ରଚନାର ମୁଖ୍ୟ କଞ୍ଚାମାଲ ।

**ମୀନା କନ୍ଦାସ୍ୱାମୀ:** ଜଣେ ବହୁମୁଖୀ ନାରୀ ପ୍ରତିଭା ହେଉଛନ୍ତି ମୀନା କନ୍ଦାସ୍ୱାମୀ । ସେ ଜଣେ କବି, ଗାଳ୍ପିକା, ଔପନ୍ୟାସିକା, ଅନୁବାଦିକା, ସମାଜସେବୀ । ଚେନ୍ନାଇର ଏଇ ଲେଖିକା ଜଣକ ସବୁବେଳେ ନାରୀର ଅଧିକାର, ଜାତିପ୍ରଥା ତଥା ବର୍ଣ୍ଣବିଦ୍ୱେଷକୁ ନେଇ ଚିନ୍ତାପ୍ରକଟ କରିଥାନ୍ତି । ଆଉ ଏହିସବୁ ମଧ୍ୟ ତାଙ୍କ ଗଳ୍ପ, କବିତା ତଥା ଉପନ୍ୟାସର କଥାବସ୍ତୁ । 'ଟଚ୍' ଏବଂ 'ମିସେସ୍ ମିଲିଟାନ୍ସି' ହେଉଛି ତାଙ୍କ ଦୁଇଟି କବିତା ସଂକଳନ । ତାଙ୍କର ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ ରହିଛି 'ଦି ଜିପ୍ସୀ ଗଡେସ୍', 'ହ୍ୱେନ୍ ଆଇ ହିଟ୍ ୟୁ' ।

**ସଂହିତା ଆର୍ନି :** ସଂହିତାଙ୍କୁ ଯେତେବେଳେ ମାତ୍ର ଆଠ ବର୍ଷ ବୟସ ହୋଇଥିଲା ସେ ଚିତ୍ରରେ ଚିତ୍ରରେ ଲେଖିଥିଲେ ଏକ ଉପନ୍ୟାସ । ଆଉ ତାହାର ନାମ ଦିଆଯାଇଥିଲା 'ଦି ମହାଭାରତ : ଏ ଚାଇଲ୍ଡ୍‌ସ ଭିୟୁ' । ଏହା ଏଲସା ମୋରାଣ୍ଟେ ଲିଟେରାରି ଆୱାର୍ଡ ଜିତିଥିଲା । ପରେ ବଡ଼ ହୋଇ ସେ ହେଲେ ଜଣେ ଗ୍ରାଫିକ୍ ଡିଜାଇନର । ଆଉ ଲେଖି ଚାଲିଲେ ଗୋଟିଏ ପରେ ଗୋଟିଏ ଗ୍ରାଫିକ୍ ନଭେଲ । ତାଙ୍କର ଏକ ପ୍ରସିଦ୍ଧ ଗ୍ରାଫିକ୍ ନଭେଲ ହେଉଛି 'ସୀତାସ୍ ରାମାୟନ୍' । ଏହା ନ୍ୟୁୟର୍କ ଟାଇମ୍ସ ବେଷ୍ଟ ସେଲର ମାନ୍ୟତା ପାଇଥିଲା ।


ମୀନା କନ୍ଦାସ୍ୱାମୀ


ଇରା ତ୍ରିବେଦୀ

# ବେସୁରା ଗୀତ

–ଦେବଯାନୀ ମିଶ୍ର

ଏଇ ତିନି ଦିନ ହେଲାଣି ମୁଁ ଖୁବ୍ ଝୁରୁଥିଲି ଗୋଟେ ବେସୁରା ଗୀତକୁ ... ଅକ୍ଷୟ ମହାନ୍ତିଙ୍କ ବହୁ ଲୋକପ୍ରିୟ ଗୀତ ଯାଯାବର ...ମୋର ବି ଖୁବ୍ ପ୍ରିୟ। କିନ୍ତୁ ସିଏ ଗୀତଟିକୁ ଶ୍ରୁତିକଟୁ କରେଇବାରେ କୌଣସି ଭୁଲ କରେନି ...ମାନେ ତାକୁ ଯାଯାବର ଗାଉଥିବାର ଶୁଣି ଖୋଦ ଖୋକା ଭାଇ ବି ବୋଧେ ହାତଯୋଡି କହିଥାନ୍ତେ ‘‘ଭାଇ ଦୟା କର, ଆଉ ଗାଇବା ଦରକାର ନାହିଁ’’– ତଥାପି ବେସୁରାଗୀତ ଓ ଗାୟକଟି ପ୍ରତି ଯେ ମୋର ଖୁବ୍ ବେଶି ଦୁର୍ବଳତା ସୃଷ୍ଟି ହୋଇଛି ...ତାହା ବି ଏବେ ହିଁ ଅନୁଭବ କଲି ।

ଅନେକ ଥର ମୁଁ ତା’ ଉପରେ ରାଗିଛି ...ଅପେକ୍ଷା କରିଛି ସେ ମୋ ଅଭିମାନକୁ ବୁଝିବ ବୋଲି ...କିନ୍ତୁ ସେ ତା’ ଦୁନିଆରେ ରୁହେ ...ମତେ ଲାଗେ ମୋର ଥିବା ନ ଥିବା ତା ପାଇଁ ଏକା ପରି ...ସେ ମସ୍‌ଗୁଲ ରୁହେ ତା’ ଫେସ୍‌ବୁକ ସାମ୍ରାଜ୍ୟରେ ... ମହିଳା ଫ୍ୟାନ ଫଲୋଇଙ୍ଗ ବଢ଼ଉଥାଏ ... ନ ହେଲେ କାହାକୁ କମେଣ୍ଟ ଫେରଉଥାଏ। ତେଣୁ ମୁଁ ନିଜେ ହିଁ ଫେରେ ତା’ ଦୁନିଆକୁ ...ମୋ ଆଡୁ ଫୋନ କରେ ...ଅଜାଡି ପକାଏ ମୋ ଅଭିମାନ ସବୁକୁ ...ପଚାରେ ମୁଁ ରାଗିକି ଫୋନ କଲିନି ବୋଲି ତୁମେ ବି କଲନି ଫୋନ ଟିକେ ନା ...ସେ ଭାରି ବେପରୁଆ ଢଙ୍ଗରେ କୁହେ –‘‘ଛୁଆ ନ କାନ୍ଦିଲେ ମା’ ବି କ୍ଷୀର ଦିଏନି ...ତମେ କହିବନା ମୋ ଉପରେ ରାଗିଛ ବୋଲି ...‘‘–ମୁଁ କିନ୍ତୁ ବୁଝେଇ ପାରେନା ଯେ କାହିଁକି କେଜାଣି ଏଇ କିଛିଦିନ ହେଲା ମୋ ମନ ଚାହୁଁଛି ...ମୁଁ ନ କହିଲେ ବି ସେ ବୁଝିପାରୁ ମୋତେ ।’’

ଗପ ପୁଣି ଖିଅ ଧରେ । ଛାତ ଉପରେ ଜହ୍ନମୁହାଁ ହୋଇ ଥାଏ ମୋ ଆଖି ହଳକ। ସଞ୍ଜର ଧୀରେ ଧୀରେ ବୟସ ବଢ଼େ। ଆଉ ଆମଗପର ଆୟୁଷ ବଢ଼େ । ଗପକେନା ମେଲାଏ। ରାତି ଟିକେ ଗାଢ଼ ହେଲେ ସେ ପଚାରେ ଆଉ କେତେ ଗପିବ? ମୁଁ କୁହେ ହଁ...କାଲି ଅଫିସ ଅଛି ...ଶୋଇପଡିବା ... ସେ ପୁଣି ପଚାରେ ଆଉ ଶୋଇବା ପୂର୍ବରୁ ଗୀତ ଶୁଣିବନି ...ପଚାରି ଦେଇ ସେ ଆରମ୍ଭ କରେ...ଯା ...ଯା... ବର ...ମୁଁ ଚିଲାଏ ଓ ଷ୍ଟପ ଇଟ....ଶୁଭରାତ୍ରି...ଶୋଇ ପଡ।

ତିନିଦିନ ପୂର୍ବରୁ ସନ୍ଧ୍ୟାରେ ମୁଁ ଫୋନ କଲା ବେଳକୁ ତା’ ଫୋନ ବ୍ୟସ୍ତ ଦେଖାଇଲା । ଘର କାମ ସାରି ଫୋନ ଦେଖିଲି । ସେଫୋନ କରିନି । ମୁଁ ଫୋନ କରି ଟିକେ ଚଢା ଗଳାରେ ପଚାରିଲି –‘‘ସନ୍ଧ୍ୟାରେ ଫୋନଟା କରିଥିଲି। ଏପର୍ଯ୍ୟନ୍ତ ଫୋନ ଟିକେ କରିବାକୁ ସମୟ ହେଲାନି ? ‘‘ସେ ଆଉ ଟିକେ କଡ଼ା ସ୍ୱରରେ କହିଲା –‘‘ମୋର କ’ଣ ଆଉ କିଛି କାମ ନାହିଁ କି ? ଖାଲି ତୁମକୁ ଫୋନକରୁଥିବି ?’’ –ବାସ ଏତିକି କଥାରେ ମୋ ଆଖିରୁ ଦୁଇ ଟୋପା ଲୁହ ବୋହି ଆସିଲା । ମୁଁ ଆଉ କେବେ ଫୋନ କରିବିନି ବୋଲି ନିଷ୍ପତ୍ତି ନେଲି।

କିନ୍ତୁ ଖୁବ୍ ବ୍ୟଗ୍ର ଭାବେ ଅପେକ୍ଷା କରେ ତା’ ଫୋନକୁ । ବ୍ୟଗ୍ରତା ଖାସ୍ କରି ଚରମ ସ୍ତରରେ ପହଞ୍ଚେ ସନ୍ଧ୍ୟା ବେଳେ। ଘର କାମ ସରିଲା ପରେ ଛାତକୁ ଯାଏ। ତା’ କଲ୍‌କୁ ଅପେକ୍ଷା କରେ । ତା’ କଲ୍ ଆସେନି । ଘରକୁ ଫେରିବା ପୂର୍ବରୁ ମୁଁ ଆକାଶକୁ ଚାହେଁ । ଖଣ୍ଡେ ଫାଳିକିଆ ଜହ୍ନ ଆକାଶ ଛାତିରେ ଝୁଲି ରହିଥାଏ। ମତେ ଜହ୍ନ ଖତେଇ ହେଲା ପରି ଦେଖାଯାଏ ।

ଏମିତି ଦୁଇଦିନ କଟିଯାଏ । ଜହ୍ନ ଆକାଶ ଛାତିରେ ଦିନକୁ ଦିନ ଅଧିକ ଜାଗା ମାଡି ବସିଛି ଠିକ୍ ଯେମିତି ମୋ ବ୍ୟଗ୍ରତା ଦିନକୁ ଦିନ ବେଶି ଛାତିକୁ ରୁନ୍ଧି ପକାଉଛି। କିନ୍ତୁ ତଥାପି ତା’ର ଫୋନ ଆସେନି । ମୁଁ ସ୍ଥିର ନିଶ୍ଚିତ ହୋଇଯାଏ ଯେ, ତା’ ଫୋନ ଫେରିବନି। ଆଜି ତୃତୀୟ ଦିନ। କାମ ସରିଲା ପରେ ଛାତକୁ ଗଲି। ସପ ପକାଇ ଫୋନକୁ ଗୋଟେ ସାଇଡରେ ରଖିଦେଇ ଆଣ୍ଠୁରେ ଗାଲ ରଖି ଭାବିଲି –‘‘ସେ କାଇଁକି ବା ଫୋନ କରିବ ମତେ ? ଏମିତି ବି ଅନେକ ଜାଗାରୁ ଶୁଣିଛି ସେ ଝିଅଙ୍କ ସହ ଗପେ । ତାକୁ ଝିଅ ନିଜ ଆଡୁ ବି ଫୋନ କରନ୍ତି । ମୁଁ ନିଜେ ବି ଦେଖିଛି ତା’ ଫେସ୍ ବୁକ୍ ପୋଷ୍ଟରେ ମାତ୍ରାଧିକ ଝିଅଙ୍କର ଲାଇକ ଓ କମେଣ୍ଟ ଆସେ । ମୋର ବୁଝିଯିବା ଉଚିତ ଯେ ତା’ ଦୁନିଆରେ ମୁଁ ନାହିଁ ବୋଲି । କାଇଁ ବାନ୍ଧି ରଖିବି ତାକୁ। କେତେଦିନ ବି ବାନ୍ଧି ପାରିବ। ବରଂ ସେ ମୁକ୍ତ ଆକାଶର ପକ୍ଷୀଟିଏ ହୋଇ ଘୂରି ବୁଲୁ ।’’ –ଦୀର୍ଘ ନିଃଶ୍ୱାସଟେ ପକାଇ ମୁଁ ଫୋନ ହାତକୁ ନେଲି –ତା’ର ଦୁଇଟା ମିସ୍‌ଡ କଲ୍।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି ...କଲ୍‌ବ୍ୟାକ କଲି ...ସେ କହିଲା –‘‘କୁଆଡ଼େ ଯାଇଥିଲ ? ଏତେ ରାଗ –ଦୁଇଦିନ ହେଲାଣି ଫୋନ ଗୋଟେ ବି ନାହ’’– ମୁଁ କହିଲି –‘‘କାଇଁ ତୁମ ପ୍ରିୟ ସଖୀମାନେ କୁଆଡ଼େ ଗଲେ କି ?’’ –ସେ ଟିକେ ଗମ୍ଭୀର ହୋଇ ଉତ୍ତର ଫେରାଇଲା –‘‘ସମସ୍ତେ ଅଛନ୍ତି –କିନ୍ତୁ ତଥାପି ଏଇ ତିନିଦିନ ହେଲାଣି ମୁଁ ପୂରା ଏକୁଟିଆ – ମୋର ଏ ଭଡ଼ାଘରଟିରେ ବେଶ୍ ଅଚିହ୍ନା ହେଇପଡିଛି ...ମୋ ଘରର ଯନ୍ତ୍ର ସଦସ୍ୟ ମାନେ ଆଲେକ୍ସା(ରୋବଟ ପରି ଛୋଟ ଯନ୍ତ୍ରଟିଏ) ବି ବୁଝୁନି ମୋ ଅଭିମାନକୁ ...କେହି ପଚାରୁ ନାହାନ୍ତି କ’ଣ ଖାଇଲ ବୋଲି ...ଆଉ ସବୁଠୁ ବଡକଥା କ’ଣ ଜାଣିଛ କେହି ମୋ ଗୀତ ଶୁଣୁନାହାନ୍ତି ? ‘‘ – ମୁଁ ଆଶା କରି ନ ଥିଲି ସେ ଏମିତି କହିବ ବୋଲି – ମୁଁ ଥର ଥର କଣ୍ଠରେ ପଚାରିଲି –‘‘ତୁମେ ଖାଇଛ ?’’ କହିଲା –‘‘ନା ଘରକୁ ଖାଇବା ଆଣିଛି –ଖାଇବି ଟିକେ ପରେ– ତୁମେ ଆଗ ମୋ ଗୀତ ଶୁଣ’’ –ସବୁଥର ପରି ହଁ କି ନାକୁ ଅପେକ୍ଷା ନ କରି ସେ ଗାଇଲା ...‘‘ଯା ...ଯା ...ବ ...ର ...–ଆଜି କିନ୍ତୁ ମୁଁ ଜମା ଗୀତ ବନ୍ଦ କରିବାକୁ କହିଲିନି –ଏଇ ବେସୁରା ଗୀତ ହିଁ ଆମ ଦୁହିଁଙ୍କୁ ପରସ୍ପର ସହ ବାନ୍ଧିରଖିଛି ...ତା’ର ଚାଲିଥାଏ ...‘‘ମ...ନ... ମୋ ..ର ...ଯା... ଯା ..ବ ..ର..’’ ମୁଁ ବେସୁରା ଗୀତ ଶୁଣୁ ଶୁଣୁ ଜହ୍ନ ଆଡେ ଚାହିଁଲି ...ଜହ୍ନ ଆଜି ହସିଲା ପରି ଦିଶୁଥିଲା ।

*–ଶୈଳଶ୍ରୀ ବିହାର*

## ଅଭିମାନୀ ପ୍ରିୟତମା

–ସୌମ୍ୟ ରଞ୍ଜନ ବେହେରା

ପ୍ରିୟତମା ମୋର ଭାରି ଅଭିମାନୀ
ବୁଝେ ନାହିଁ ମନ କଥା
ଭାରି ଦୁଃଖ ଦିଏ ଚଗଲି ଓଠ ର
ଅଦିନିଆ ନୀରବତା ।

*–କୁଣ୍ଡିଲୋ, ଖୋର୍ଦ୍ଧା*

## ଅତୀତ

*–ପ୍ରଜ୍ଞା ମହାନ୍ତି*

ଏବେ ତୋ ମୋ ଭିତରେ
ସାତ ମହାଦେଶର ଦୂରତା
ତଥାପି ତୁ ଉଡ଼ିଆସୁ
ମୋ ମନ ଝରକା ଉପରେ ବସି
ମୋତେ ବେହାଲ କରି ମୋ ହାଲଚାଲ ବୁଝୁ
ମୁଁ ତୋ ସ୍ମୃତିର ବ୍ୟବଚ୍ଛେଦ କରୁ କରୁ
ପୁଣି ଅନାଇ ରହେ ତୋ ଆସିବା ପଥକୁ।

ସାତ ସମୁଦ୍ର, ତେର ନଈ
କେତେ ପାହାଡ଼, ଜଙ୍ଗଲ ଡେଇଁ
ନିମିଷକେ ମୋ ମନ ଉପକୂଳ ଛୁଇଁ ପକାଉ
ମୁଁ ଅତୀତ ତ ନିଆଁ ଉପରେ ପାଣି ଛାଟୁଥାଏ
ତୋ କଥା ଭାବି, ତତେ
ଭୁଲିବାକୁ ବାହାନା ଖୋଜୁଥାଏ
ତୁ ନିଶବ୍ଦରେ ଶବ୍ଦ କରି ପ୍ରତିବାଦ କରୁ।
ମୁଁ ହସିଦେଇ ହଜିଯାଏ ତୋରି ଭିତରେ।

*–ମାତୃବିହାର, ଦାନିପାଲି, ସମ୍ବଲପୁର*




ଅମ୍ଳାନ-ତମନ୍ନା

# ପ୍ରେମ ପାଇଁ ଟେନଶନ୍

ପ୍ରେମରେ ପଡିବା ପୁଣି ସେଥିରେ ସଫଳ ହେବା- ଏହି ଦୁଇଟି ଭିନ୍ନ ବିଷୟ। ତେବେ ପ୍ରେମର ମଧୁରେଣ ସମାପୟେତ ପାଇଁ ହୃଦୟଟି ସେମିତି ସଚ୍ଚା ହେବା ଦରକାର। ହେଲେ ପ୍ରେମରେ ପଡିବା ପରେ ଯେ ଏପରି ପରିସ୍ଥିତିର ସାମନା କରିବାକୁ ପଡିବ ତାହା କେବେ ରୋମିଓ ରାଜା କଳ୍ପନା କରି ନ ଥିଲା। ଏପରି ଏକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା ଯାହାର ଟାଇଟଲ ରହିଛି 'ରୋମିଓ ରାଜା'। ଏହାର ଶୀର୍ଷ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର। କାହାଣୀ ଅନୁସାରେ ପ୍ରଥମ ଦେଖାରେ ଜଣେ କଲେଜ ଛାତ୍ର ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ କରି ବସୁଛି। ସେମାନେ ପ୍ରେମ ଦୁନିଆଁରେ ଉଡି ବୁଲିବା ସମୟରେ ହଠାତ୍ ଆଉ ଜଣେ ଏହି ପ୍ରେମରେ ଏଣ୍ଟ୍ରି କରୁଛି। ତା'ପରେ ତ ନିଶ୍ଚୟ ପ୍ରେମର ପାଣିପାଗ ବଦଳି ଯାଉଥିବ। ତେବେ ତା'ପରେ କ'ଣ ହେଉଛି ଏବଂ ଦୁହିଁଙ୍କ ପ୍ରେମର ଦି ଏଣ୍ଡ କିପରି ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମରେ ଅମ୍ଳାନ କୁମାରଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ତମନ୍ନା। ଏନ. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ଚାଲୁ ରହିଛି। ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ। ଯମେଶ ଶୁକ୍ଳା ସଂଳାପ ରଚନା କରିଛନ୍ତି ଏବଂ ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ସୁବ୍ରତ ସ୍ୱାଇଁ, ଡ. ସୁବୋଧ ଦାସଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା ଏବଂ ଗୀତିଶ୍ରୀ ସରୋଜ। ଅମ୍ଳାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ବାବୁ ପ୍ରଧାନ, ଦୀପକ ମହାରଣା, ଜ୍ଞାନ ପଲେଇ, ତପନ, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ହଟ୍ ସିଟ୍‌ରେ ତାରା

ତାରା ସୁଟାରିଆ ଏବେ ତ ଅଭିନୟରେ ବ୍ୟସ୍ତ। ହେଲେ ତାଙ୍କ ମନରେ ଆଉ କିଛି ରହିଛି। ବଲିଉଡ୍‌ରେ ସେ ଅନ୍ୟକ୍ଷେତ୍ରରେ ନିଜ ଦକ୍ଷତା ଦେଖାଇବାକୁ ଚାହାନ୍ତି। କେବଳ ସେତିକି ନୁହେଁ, ଏ ନେଇ ସେ ମାଇଣ୍ଡ ମେକଅପ କରିସାରିଲେଣି। କେବଳ ସୁଯୋଗକୁ ଅପେକ୍ଷା। ତେବେ ତାରାଙ୍କ ମନରେ କ'ଣ ରହିଛି ? ଏପରି ପ୍ରଶ୍ନର ଉତ୍ତରରେ ତାରା କୁହନ୍ତି, 'ମୁଁ ନିଜକୁ କେବଳ ଜଣେ ଅଭିନେତ୍ରୀ ଭାବରେ ପରିଚୟ ଦେବାକୁ ଚାହେଁନା। ସୁଯୋଗ ମିଳିଲେ ମୁଁ ଆଉ କେତୋଟି କାମରେ ନିଜ ଦକ୍ଷତା ଦେଖାଇପାରିବି। ହେଲେ ସେଗୁଡିକ କ'ଣ ତାହା ଏବେ କହିବା ଠିକ୍ ହେବ ନାହିଁ। ତେବେ ଜଣେ ନିର୍ଦ୍ଦେଶିକା ହେବାକୁ ମୋର ଆଶା ରହିଛି। ଏହି ଦାୟିତ୍ୱକୁ କିପରି ତୁଲାଇବି ସେଥିପାଇଁ ଏବେଠାରୁ ଶିଖୁଛି। ମୁଁ ଜାଣେ ଏହି ହଟ୍ ସିଟ୍‌ରେ ବସି ଦାୟିତ୍ୱ ସମ୍ପାଦନ କରିବା ଏତେ ସହଜ ନୁହେଁ। ପ୍ରଥମେ ମୋତେ ସୁଯୋଗ ମିଳୁ, ତା'ପରେ କ'ଣ କରିବି ସେ ନେଇ ଯୋଜନା କରିବି।' ଯଦି ଏପରି ଦାୟିତ୍ୱ ମିଳେ ତାହାକୁ ତାରା କିପରି ତୁଲାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ୨୪ବର୍ଷ ବୟସ୍କା ଏହି ଅଭିନେତ୍ରୀ ଗତ ବର୍ଷ ରିଲିଜ ହୋଇଥିବା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ଅଭିନୟ କରିଥିଲେ।


ତାରା


ଦିଶା

# ସତ ହେଲା ଅନୁମାନ

ଦିଶା ପଟାନିଙ୍କ ଅନୁମାନକୁ ମାନିବାକୁ ପଡିବ। ଯାହା ସେ ଆକଳନ କରିଥିଲେ ତାହା ସତରେ ପରିଣତ ହୋଇଛି। ଆଉ ତା'ପରେ ତାଙ୍କର ଖୁସି ଦେଖେ କିଏ ? କଥା କ'ଣ କି ତାଙ୍କ ଅଭିନୀତ 'ମଲଙ୍ଗ' ଏବେ ଭଲ ବିଜନେସ କରୁଛି। ଫିଲ୍ମଟି ଚଳିତ ମାସ ୭ରେ ରିଲିଜ ହୋଇଥିଲା। ପ୍ରେମ, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମାକୁ ନେଇ ପ୍ରସ୍ତୁତ ଏହି ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ଏହାର ଶୁଟିଂ ସମୟରେ ଦିଶା ପୂର୍ବାନୁମାନ କରିଥିଲେ ଯେ କେବଳ ଫିଲ୍ମର କାହାଣୀ ନୁହେଁ, ଏହାର ପିକ୍ଚରାଇଜେଶନ ଯେପରି କରାଯାଉଛି ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ। ମୋ ଫିଲ୍ମ ଏବେ ଭଲ ବିଜନେସ କରୁଛି, ସେଥିପାଇଁ ଦର୍ଶକଙ୍କୁ ମୁଁ କେମିତି ଧନ୍ୟବାଦ ଦେବି ଜାଣିପାରୁନାହିଁ। ଏଣିକି ଯେଉଁ ଫିଲ୍ମ ସାଇନ୍ କରିବି ତାହାର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ନେଇ ଭଲ ଭାବରେ ତର୍ଜମା କରିବା ପରେ ସାଇନ୍ କରିବି।' 'ମଲଙ୍ଗ'ରେ ଦିଶାଙ୍କ ଅପୋଜିଟ୍‌ରେ ଆଦିତ୍ୟ ରୟକପୁର ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୋହିତ ସୁରୀ।


ସୈଫ-ରାଣୀ

# ମାପି ଚୁପି ଚାଲିବେ କ୍ରିତି

କ୍ରିତି ସାନନ ଏଣିକି ମାପି ଚୁପି ଚାଲିବେ। ଭଲ କାହାଣୀ ଏବଂ ଭୂମିକା ନ ମିଳିଲେ ଅଫରଟିକୁ ହାତଛଡା କରିବେ ବୋଲି ସେ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ଦେଖୁନାହାନ୍ତି, ନିକଟରେ ସେ କେମିତି ୩ଟି ଅଫରକୁ ସିଧାସଳଖ ରେଡ୍ ସିଗନାଲ ଦେଖାଇଛନ୍ତି। ଏ ସମ୍ପର୍କରେ କ୍ରିତି କହନ୍ତି, 'ମୁଁ ଆଦୌ ତରତର ହୋଇ ସିନେମାଟିଏ ସାଇନ କରିବାକୁ ଚାହୁଁନାହିଁ। କାହାଣୀ ଏବଂ ଭୂମିକାକୁ ଭଲ ଭାବରେ ପରିଖିବା ପରେ ହଁ ଭରିବି। ନିକଟରେ ଏଥିପାଇଁ ତିନୋଟି ଅଫର ହାତଛଡା କରିଛି।' ତେବେ କ୍ରିତି କେତେଦିନ ନିଜ କଥାରେ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ସୈଫଙ୍କ ପ୍ରଶଂସାରେ ରାଣୀ

ରାଣୀ ମୁଖାର୍ଜୀଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ଯୁଆଡେ ଗଲେ କଥା ପ୍ରସଙ୍ଗରେ ସେ ତାଙ୍କୁ ବେଶ୍ ପ୍ରଶଂସା କରୁଛନ୍ତି। ସେ କିଏ ଜାଣନ୍ତି ? ଛୋଟେ ନୱାବ ସୈଫ ଅଲ୍ଲୀ ଖାଁ। କଥା କ'ଣ କି ଏହି ଯୋଡି ଏବେ ନିର୍ମାଣାଧୀନ ହିନ୍ଦୀ ସିନେମା 'ବଣ୍ଟି ଔର ବବଲି-୨'ରେ ଅଭିନୟ କରୁଛନ୍ତି। ଏହାର ୧୫ଦିନିଆ ଶୁଟିଂ ବର୍ତ୍ତମାନ ଦୁବାଇରେ ଚାଲିଛି। ଦୀର୍ଘ ୧୧ବର୍ଷର ଗ୍ୟାପ୍ ପରେ ସୈଫ ଏବଂ ରାଣୀ ପୁଣି ଥରେ ବଡ ପରଦାରେ ମୁହଁ ଦେଖାଇବେ। ୨୦୦୪ରେ ନିର୍ମିତ 'ହମ୍ ତୁମ୍'ରେ ଉକ୍ତ ଯୋଡି ପ୍ରଥମ ଥର ପାଇଁ ଅଭିନୟ କରିଥିଲେ। ତା'ପରେ 'ତାରା ରମ ପମ୍' (୨୦୦୭) ଏବଂ 'ଥୋଡା ପ୍ୟାର ଥୋଡା ଥୋଡା ମ୍ୟାଜିକ୍' (୨୦୦୮)ରେ ଦୁହେଁ ଆକ୍ଟିଂ କରିଥିଲେ। ଏବେ ଆଦିତ୍ୟ ଚୋପ୍ରା ଉଭୟଙ୍କୁ ପୁଣି ଥରେ ସାଇନ୍ କରାଇଛନ୍ତି। ଏ ନେଇ ରାଣୀ କୁହନ୍ତି, 'ସିକ୍ୱେଲ ଫିଲ୍ମ 'ବଣ୍ଟି ଔର ବବଲି-୨'ର ମେଲ୍ ଲିଡ୍ ପାଇଁ ସୈଫ ହିଁ ଫିଟ୍। ଏହାର ପ୍ରଥମ ସିନେମାରେ ମୋ ସହ ଅଭିଷେକ ବଚ୍ଚନ ଥିଲେ। ହେଲେ ଏଥର କାହାଣୀ ଅନୁସାରେ ସୈଫଙ୍କୁ ସାଇନ୍ କରାଯାଇଛି। ଦୀର୍ଘ ବର୍ଷ ପରେ ମୁଁ ପୁଣି ଥରେ ତାଙ୍କ ସହ ଆକ୍ଟିଂ କରୁଛି ଯାହାକୁ ନେଇ ମୁଁ ବେଶ୍ ଖୁସି ଅଛି।' ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ନବାଗତ ବରୁଣ ଶର୍ମା।


କରୀନା

# କଥା ୨୦ ବର୍ଷର

ଥରେ ମନେ ପକାନ୍ତୁ ନା ଜେ.ପି. ଦତ୍ତାଙ୍କ 'ରିଫ୍ୟୁଜି' ଚଳଚ୍ଚିତ୍ରକୁ। ଏହି ଫିଲ୍ମରୁ ନାୟକ ଭାବରେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ଅଭିଷେକ ବଚ୍ଚନ। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଜଣେ ନବାଗତା। ସେ କିଏ ଥିଲେ ତାହା ଜଣାଇବା କେବଳ ଔପଚାରିକତା ମାତ୍ର। ସେ ହେଉଛନ୍ତି କପୁର ପରିବାରର ଅନ୍ୟତମ କଳାକାର କରୀନା କପୁର। ଇତି ମଧ୍ୟରେ ଦୁଇ ଦଶନ୍ଧି ଅତିକ୍ରମ କରିଗଲାଣି। ନିଜର ଅଭିନୟ ଦକ୍ଷତା ବଳରେ ସେ ଏବେ ମଧ୍ୟ ଜଣେ ଆଗଧାଡିର ଅଭିନେତ୍ରୀ। 'ଯେତେବେଳେ ମୁଁ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମନରେ ଅନେକ ଆଶା ଥିଲା। ଭଗବାନଙ୍କ କୃପାରୁ ମୋ ଅଭିନୟ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା ସମସ୍ତେ ଜାଣନ୍ତି। ମୁଁ ସବୁବେଳେ ନିଜକୁ ହିନ୍ଦୀ ସିନେମାର ଏକ ଅଂଶ ହୋଇ ରହିବାକୁ ଚାହେଁ। ଜଣେ କଳାକାର ସବୁବେଳେ ଗୋଟିଏ ପ୍ରକାର ଭୂମିକାରେ ଅଭିନୟ କରିବା ଠିକ୍ ନୁହେଁ। ଭିନ୍ନ ଭିନ୍ନ ରୋଲ୍ ମିଳିଲେ ଜଣଙ୍କ ଭିତରେ ଥିବା ଅଭିନୟ ଦକ୍ଷତା ଜଣାପଡିଯିବ ବୋଲି କହନ୍ତି କରୀନା। ବର୍ତ୍ତମାନ ଶୁଟିଂ ଚାଲିଥିବା 'ଲାଲ୍ ସିଂ ଚଢ଼ା'ରେ କରୀନା ଅଭିନୟ କରୁଛନ୍ତି, ଯାହାର ମେଲ୍ ଲିଡ୍‌ରେ ଅଛନ୍ତି ଆମିର ଖାନ।

# ଅଲଣା ପ୍ରେମ ଅଧିର ମନ, ଭାବନାରେ କଟି ଯାଉଛି ଦିନ

**ପ୍ରଶ୍ନ**–ମୋ ମନ ଖାଲି ଭାବନା ରାଇଜରେ ଉଡି ବୁଲୁଛି। ମୋ ସ୍ୱପ୍ନ ରାଇଜରେ ଅନେକ ସୁନ୍ଦରୀଙ୍କ ସମାଗମ। ହେଲେ ଜଣେ ହେଲେ ମୋ ମନର ସାଥୀ ହୋଇପାରୁନାହାନ୍ତି କାହିଁକି ?

*–ଅନିଲ ରାଉତ, ଢେଙ୍କାନାଳ*

**ଉତ୍ତର :** ଭାବନା ରାଜ୍ୟରେ ଯଦି ଉଡିବୁଲିବେ ତେବେ କିଛି ଲାଭ ନାହିଁ। ଥରେ ବାସ୍ତବତାକୁ ଆସନ୍ତୁ। ମନେ ମନେ ଜଣେ ଅନେକ କିଛି ଭାବିଥାଏ। ସେଭଳି ପ୍ରେମର କିଛି ମୂଲ୍ୟ ନ ଥାଏ। କାରଣ–'ଅଲଣା ପ୍ରେମ ଅଧିର ମନ, ଭାବନାରେ କଟି ଯାଉଛି ଦିନ।' ତେଣୁ ଅସଲ ଦୁନିଆରେ ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ଆପଣଙ୍କ ମନ ନିର୍ମଳ ଥିବ ଆଉ ମନରେ ଟିକେ ଆବିଳତା ନ ଥିବ ତେବେ କୌଣସି ସୁନ୍ଦରୀ ହୃଦୟରେ ବସାଟିଏ ବାନ୍ଧିବା ଆଶା ପୂରଣ ହୋଇଯିବ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଭଲ ପାଉଛି କି ମୋ ଟଙ୍କାକୁ ଭଲ ପାଉଛି ଜାଣିପାରୁନାହିଁ। କ'ଣ କରିବି ?

*–ତପନ ଦାସ, ଯାଜପୁର*

**ଉତ୍ତର :** ଆଉ ଜଣେ ଝିଅ ସହ ପ୍ରେମର ନାଟକ ଆରମ୍ଭ କରି ଦିଅନ୍ତୁ। ଯଦି ଆପଣଙ୍କ ପ୍ରେମିକା ସତସତିକା ଆପଣଙ୍କୁ ଭଲ ପାଉଥିବ ତେବେ ତାହା ଜାଣିପାରିବେ। ପ୍ରେମ ଆଳରେ ଯଦି କିଏ ଧନ ଦୌଲତକୁ ଭଲ ପାଇ ବସିଲା ତେବେ ସେଭଳି ପ୍ରେମର ଆଦୌ ଦମ୍ ନ ଥାଏ। କେତେବେଳେ ସେପରି ପ୍ରେମିକା ଆପଣଙ୍କୁ ଧୋକା ଦେଇ ଉଡି ଚାଲିଯିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**–ବାହା ହୋଇ ଘର ସଂସାର କରିବା ପରେ ପ୍ରେମ କରିବା କ'ଣ ଭୁଲ୍ ?

*–ସଞ୍ଜୟ କୁମାର, ବାଲେଶ୍ୱର*

**ଉତ୍ତର :** ବାହା ହେବା ପରେ କାହାକୁ ପ୍ରେମ କରିବା କଥା କହୁଛନ୍ତି ? ଯଦି ସ୍ତ୍ରୀକୁ ହଣ୍ଡ୍ରେଡ ପର୍‌ସେଣ୍ଟ ଭଲ ପାଇଲେ ତେବେ ତାହାର ସ୍ୱାଦ କେତେ ମିଠା ତାହା ନିଜେ ଅନୁଭବ କରିପାରିବେ। ଯଦି ପୁଣି ଆଉ କେଉଁ ଝିଅ ଚକ୍କରରେ ପଡିଲେ ତେବେ ଜାଣିନିଅନ୍ତୁ ଯେ ଆପଣ ନିଜ ଗୋଡରେ ନିଜେ କୁରାଢ଼ି ମାରୁଛନ୍ତି। ଯଦି ଏହି ଲୁଚାଚୋରା ପ୍ରେମର ସୁରାକ ପତ୍ନୀ ପାଇଗଲେ ତେବେ ପରିସ୍ଥିତି କ'ଣ ହେବ ନିଜେ ଅନୁମାନ କରନ୍ତୁ। ତେଣୁ ବିବାହ ପରେ ପର୍‌ମାନେଣ୍ଟ ପ୍ରେମିକା ପାଇବା ପରେ ଆଉ ଟେମ୍ପରାରୀଟିଏ ଖୋଜୁଛନ୍ତି କିଆଁ !

**ପ୍ରଶ୍ନ**–ସେ ଥିଲା ମୋ ମନର ମାନସୀ। ତା' ପାଇଁ ମୁଁ କ'ଣ ଭାବି ନ ଥିଲି। ହେଲେ ଏମିତି ଦିନ ଆସିଲା ସେ ମୋ ସାଙ୍ଗକୁ ଭଲ ପାଇ ବାହା ହୋଇଗଲା। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ।

*–ଉଦ୍ଧବ ରାଉତ, ରାଉରକେଲା*

**ଉତ୍ତର :** ସତ କଥା। ପ୍ରେମରେ ଏମିତି ଧୋକା ପାଇବା ପରେ ଆପଣଙ୍କ ମନ ଥଳକୂଳ ଧରୁ ନ ଥିବ। ଗତସ୍ୟ ଶୋଚନା ନାସ୍ତି। ଯେଉଁ ପଟରୁ ଭୁଲ୍ ଥାଉ ନା କାହିଁକି ଏବେ ତ ସେ ପ୍ରେମିକା ଆଉ ଆପଣଙ୍କର ହୋଇ ନାହିଁ। ସେ ଆଉ ଜଣକୁ ଭଲ ପାଇ ଘର ସଂସାର କରିସାରିଲାଣି। ତେଣୁ ତା' କଥା ଭାବିବା ଅର୍ଥ ନିଜ କଟା ଘା'ରେ ଚୂନ ଦେବା ସଙ୍ଗେ ସମାନ। ପଛ କଥାକୁ ମନରୁ ସମ୍ପୂର୍ଣ୍ଣ ରୂପେ ପାସୋରି ନୂଆ ସଂସାର ଗଢ଼ିବାକୁ ଚେଷ୍ଟା କରନ୍ତୁ। ତାହା ହିଁ ଆପଣଙ୍କ ପାଇଁ ଭଲ ହେବ।




## ପ୍ରଥମ ରୋଜଗାର

# ଗରିବ ମେଧାବୀ ପିଲାଙ୍କୁ ସାହାଯ୍ୟ କରିଥିଲି



**ଶିକ୍ଷାବିତ୍, ଲେଖକ ତଥା ସମାଜସେବୀ ଡ.ବିଷ୍ଣୁ ଚରଣ ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ନାଉପାଳ ଗାଁରେ ମୋର ଜନ୍ମ। ସ୍ଥାନୀୟ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟରୁ ଏକାଦଶ ଶ୍ରେଣୀ ପାସ୍ କରିବା ପରେ ଏନ୍‌ସି କଲେଜରେ ଆଇଏସ୍‌ସି ଏବଂ ବିଜେବି କଲେଜରେ ମ୍ୟାଥମେଟିକ୍ ଅନର୍ସ ରଖି ବିଏସ୍‌ସି ପଢିଥିଲି। ତା'ପରେ ପୁଣି ବିଜେବି କଲେଜରୁ ବିଏଡ ଏବଂ ରାଜସ୍ଥାନ ୟୁନିଭର୍ସିଟିରୁ ଏମ୍‌ଏଡ ସାରି ବାଣୀବିହାରରେ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ଏମ୍‌ଏ କରିଥିଲି। ତା'ସହିତ ବିଭିନ୍ନ ଧନ୍ଦାମୂଳକ ପରୀକ୍ଷା ବି ଦେଉଥିଲି। ସୌଭାଗ୍ୟକୁ ସେହି ସମୟରେ ମୋତେ ଶିକ୍ଷକ ଚାକିରି ମିଳିଗଲା। ୧୯୭୪ ମସିହା ଅକ୍ଟୋବର ମାସରେ ପାତ୍ରପଡ଼ା ଭଗବାନପୁର ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ମୋର ପ୍ରଥମ ପୋଷ୍ଟିଂ ହେଲା। ପୂର୍ବରୁ ଗରିବ ତଥା ମେଧାବୀ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିବାର ନିଶା ଥିବାରୁ ଚାକିରିରୁ ଯେଉଁ ପ୍ରଥମ ଦରମା ପାଇଲି, ସେଥିରୁ କିଛି ସେମାନଙ୍କ ପାଇଁ ଖର୍ଚ୍ଚ କରିଥିଲି। ତା'ଛଡ଼ା ସେତେବେଳେ ନୂଆ ବାହାଘର ହୋଇଥିବାରୁ ଧର୍ମପତ୍ନୀଙ୍କୁ ନେଇ ପୁରୀ ବୁଲିବାକୁ ବି ଯାଇଥିଲି। ଏଥିସହିତ ଗାଁରେ ଥିବା ବାପାବୋଉ ତଥା ପଡୋଶୀଙ୍କ ପାଇଁ ମିଠା କିଣି ନେବା ସହ ବଳକା ଟଙ୍କା ବାପାବୋଉଙ୍କ ହାତରେ ଦେଇ ଦେଇଥିଲି। ପାଖାପାଖି ୧୫ ବର୍ଷ ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରିବା ପରେ ବାଲିଅନ୍ତା ଉଚ୍ଚବିଦ୍ୟାଳୟକୁ ମୋର ବଦଳି ହୋଇଥିଲା। ସେଠାରୁ ପୁଣି ୫ବର୍ଷ ପରେ ପ୍ରମୋଶନ ପାଇ ପ୍ରଧାନ ଶିକ୍ଷକ ଭାବେ ଚନ୍ଦକା ଉଚ୍ଚବିଦ୍ୟାଳୟରେ ଯୋଗ ଦେଇଥିଲି। ୪ ବର୍ଷ ପରେ ଭୁବନେଶ୍ୱର ୯ ନମ୍ବରସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇ ଯାଇ ଶେଷରେ ସେହିଠାରୁ ହିଁ ୨୦୦୯ରେ ଚାକିରିରୁ ଅବସର ନେଇଥିଲି। ଅବଶ୍ୟ ତା'ପୂର୍ବରୁ ୨୦୦୨ରେ ମୁଁ ପିଏଚ୍‌ଡି କରିସାରିଥିଲି। ଏବେ ଅବସର ପରେ ବିଭିନ୍ନ ସମାଜମଙ୍ଗଳ କାମରେ ମୋର ସମୟ ବିତୁଛି। ତା'ସହିତ ଲେଖାଲେଖି ବି କରୁଛି। ବିଶେଷକରି ଶିକ୍ଷାର ମାନବୃଦ୍ଧି ତଥା ବିଜ୍ଞାନ ସମ୍ବନ୍ଧୀୟ ଲେଖାକୁ ନେଇ ମୋର ଅନେକ ଆର୍ଟିକିଲ୍ ୟା'ଭିତରେ ବିଭିନ୍ନ ଖବରକାଗଜ ତଥା ମାଗାଜିନ୍‌ରେ ପ୍ରକାଶ ପାଇସାରିଲାଣି। ସେହିପରି ସ୍କୁଲ୍, କଲେଜ ତଥା ଜାତୀୟ ସ୍ତରର ବିଭିନ୍ନ ସେମିନାର୍‌ରେ ଯୋଗ ଦେବାକୁ ବି ମୋତେ ଆମନ୍ତ୍ରିତ କରାଯାଉଛି। ଗଛ ଲଗାଇବା ବି ମୋର ଆଉ ଏକ ରୁଚି। ଚନ୍ଦକା ବିଦ୍ୟାଳୟ ତଥା ୯ ନମ୍ବର ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲାବେଳେ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଅନେକ ଗଛ ଲଗାଇଥିଲି। ତା'ସହିତ ସେତେବେଳେ ବିଦ୍ୟାଳୟରେ ଅନେକ ଜିଲା ତଥା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ ବି ମୁଁ କରିଥିଲି। ସେହିପରି ଗରିବ ତଥା ମେଧାବୀ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିବାରୁ ମୁଁ ସର୍ବଦା ତତ୍ପର ରହିଥାଏ। ଚାକିରି କଲାବେଳେ ଦରମା ଟଙ୍କାରୁ ଏଥିପାଇଁ ଖର୍ଚ୍ଚ କରୁଥିଲି ଆଉ ଏବେ ଅବସର ପରେ ପେନ୍‌ସନ୍ ଟଙ୍କାକୁ ବି ଏହି ମହତ୍ କାମରେ ଲଗାଇ ଦେଉଛି। ଏସବୁ ବ୍ୟତୀତ ଏବେ ମୁଁ ଭୁବନେଶ୍ୱର ରୋଟାରୀ କ୍ଲବର ଲିଟରାସି ସବ୍‌ଜେକ୍ଟର ଚେୟାର୍‌ମ୍ୟାନ୍ ଅଛି। ଏହି କ୍ଲବ ତରଫରୁ ଚନ୍ଦକାରେ ଏକ ପ୍ରାଥମିକ ବିଦ୍ୟାଳୟ ଗଢାଯାଇଛି। ଯେଉଁଠାରେ ଆଦିବାସୀ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦେବାର ସମସ୍ତ ବନ୍ଦୋବସ୍ତ କରାଯାଇଛି, ଯାହାର ମୁଖ୍ୟ ଦାୟିତ୍ୱ ମୋତେ ହିଁ ସମ୍ଭାଳିବାକୁ ପଡୁଛି। ଏଥିସହିତ ଏକାମ୍ର ଶିଶୁ ସାହିତ୍ୟ ସଂସଦର ୱାର୍କିଂ ପ୍ରେସିଡେଣ୍ଟ ଦାୟିତ୍ୱ ବି ମୁଁ ସମ୍ଭାଳୁଛି। ଶିକ୍ଷକତା ହେଉ ଅବା ଲେଖାଲେଖି କିମ୍ବା ସମାଜସେବା, ଏଥିପାଇଁ ମୋତେ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିସାରିଛି। ଖାସ୍‌କରି ଚାକିରି ସମୟରେ ମିଳିଥିବା ବେଷ୍ଟ ଟିଚର୍ ଏବଂ ବେଷ୍ଟ ହେଡ୍ ମାଷ୍ଟର ଆୱାର୍ଡ ମୋତେ ଏକ ନିଆରା ପରିଚିତି ଦେଇଛି ବୋଲି କହିଲେ ଆଦୌ ଭୁଲ୍ ହେବନାହିଁ। ତେଣୁ ଶେଷରେ କେବଳ ଏତିକି କହିବି, ଭଗବାନଙ୍କ କୃପାରୁ ଆଜିଯାଏ ସବୁକିଛି ଠିକ୍‌ଠାକ୍ ଚାଲିଛି ଆଉ ଆଗକୁ ବି ଏମିତି ଚାଲୁ ବୋଲି ଆଶା କରୁଛି।

*–ଅନ୍ୱିତା*

# ନିଜର ମାଲିକ ବାଛିଲେଣି କି



ଆପଣଙ୍କ କ୍ଷେତରେ ବୁଲାଗାଈଟିଏ ପଶିଗଲା। ଫସଲରୁ ଯାହା ଖାଇଲା ଖାଇଲା, ଦଳି ମକ୍ଚି ଗୁଡାଏ ନଷ୍ଟକଲା। ଖବର ପାଇ ଠେଙ୍ଗାଟିଏ ନେଇ ଆପଣ ଦୌଡିଲେ। ହାତ ପାହାନ୍ତାରେ ପଡିଗଲା ଗାଈଟି। ଆପଣ କ'ଣ କରିବେ ? ଗାଈକୁ ରାଗରେ ପିଟିବେ ନା ଛାଡିଦେବେ ?

ପ୍ରଥମ: ଗୁଡାଏ ଫସଲ ନଷ୍ଟ ହୋଇଥିବାର ଦେଖି ଆପଣ ନିର୍ଘାତିଆ ପ୍ରହାର କରିପାରନ୍ତି।

ଦ୍ୱିତୀୟ: ଛାଡ, ଗୋ-ମାତା ତ ଖାଇଲେ। ଯାହା ନଷ୍ଟ ହେଲା ହେଲା। କ'ଣ କେମିତି କରି ତାକୁ ବାହାରକୁ ବାହାର କରିଦେଲେ ଗଲା।

ତୃତୀୟ: ଉପରୋକ୍ତ ଭାବନାଟା ସମସ୍ତଙ୍କର ରହି ନ ପାରେ। କିନ୍ତୁ ଆପଣଙ୍କ ନଜରରେ ପଡିଗଲା ଯେ ଗାଈର ବେକରେ ପଘାଟିଏ ଅଛି। ତେଣୁ ତା'ର ମାଲିକ କେହି ଜଣେ ନିଶ୍ଚେ ଅଛନ୍ତି। ତେଣୁ ତାକୁ ପ୍ରହାର ନ କରି ଧରି ଗୋଟିଏ ଖୁଣ୍ଟରେ ବାନ୍ଧି ଦିଆଯାଉ। ତା' ମାଲିକ ନିଶ୍ଚେ ଆସିବ। ତା' ସହିତ ଜବାବ ସୁଆଲ ହେବ।

ଉପରୋକ୍ତ ଘଟଣାରେ ଗାଈ ସହ ଏହି ତିନିଗୋଟି ପରିସ୍ଥିତି ହିଁ ସୃଷ୍ଟି ହେବ। ଏଇଠି ଗୋଟିଏ କଥା ଲକ୍ଷ୍ୟ କରନ୍ତୁ ପାଠକେ! ବେକରେ ପଘା ନ ଥିବା ଗାଈ ଏବଂ ପଘା ଥିବା ଗାଈ ପ୍ରତି ଆପଣଙ୍କ ଦୃଷ୍ଟିଭଙ୍ଗୀ ଏକ ନା

**ଚିନ୍ମୟ ଚିନ୍ତନ**



**ଶ୍ରୀ ସନ୍ନ୍ୟାସୀ**

ଅଲଗା ? ନିଶ୍ଚିତ ଭାବେ ଅଲଗା ରହିବ। ପଘା ନ ଥିବା ଗାଈକୁ ଯେତେ ପିଟୁଛ ପିଟି ଚାଲ। କିନ୍ତୁ ପଘା ଥିବା ଗାଈକୁ ପ୍ରହାର କରିବା ବେଳେ ଟିକେ ଭାବିଚିନ୍ତି କରିବାକୁ ପଡିବ। କାରଣ ତା'ର ମାଲିକ ଜାଣିଲେ, କିଏ ନ ଜାଣେ ଯେ ସେ ପ୍ରହାର କରିଥିବା ଲୋକର ଚୋପା ଛଡେଇ ନ ଦେବ ବୋଲି। ଆଜିକାଲି ତ ପଶୁପକ୍ଷୀଙ୍କୁ ଅତ୍ୟାଚାର ନେଇ କେତେ କ'ଣ ନିୟମକାନୁନ ସୃଷ୍ଟି ହେଲାଣି। ଜେଲ୍ ଯିବା ବି କିଛି ଅସମ୍ଭବ ନୁହେଁ।

ପାଠକେ! ଏ ସଂସାରରେ ଯାହାର ମାଲିକ କେହି ନାହାନ୍ତି ତା'ର ଜୀବନ ହେଉଛି ପିଟାଳିଆ ଜୀବନ। ମାଲିକ ଥିଲେ ଜୀବନଟା ସୁନ୍ଦର। ଏ ମାଲିକ ଆମ ବାପା-ମା' ହୋଇପାରନ୍ତି। ବାପା, ମା' ନ ଥିଲେ କେହି ଅଭିଭାବକ ହୋଇପାରନ୍ତି। ଏସବୁ ହେଲା ସଂସାରର କଥା। କିନ୍ତୁ ଆଧ୍ୟାତ୍ମିକ ଦୁନିଆରେ ଗୁରୁ ବା ଈଶ୍ୱର ହେଉଛନ୍ତି ମାଲିକ। ସାଂସାରିକ ଦୁନିଆଁର ତଥାକଥିତ ମାଲିକମାନେ ବେଳେ ବେଳେ ମାଲିକତ୍ୱ ପଣିଆର ପରୀକ୍ଷାରେ ଫେଲ୍ ହୋଇଯାଇପାରନ୍ତି, କିନ୍ତୁ ଆମର ଅସଲ ମାଲିକ ଯିଏ ଗୁରୁ ବା ଭଗବାନ୍, ସେ କିନ୍ତୁ ସବୁବେଳେ ଆମ ପଛରେ ହିମାଳୟ ପ୍ରାଚୀର ପରି ଠିଆ ହୋଇ ସୁରକ୍ଷା ଦେଉଥିବେ, ଯଦି ଆମର ବିଶ୍ୱାସ ଓ ଭକ୍ତି ସେହି ପରିମାଣରେ ଥାଏ। ଗାଈ ବେକରେ ପଘା ଯାହା, ଗୁରୁ ଆମପାଇଁ ଠିକ୍ ସେୟା। ଜୀବନରେ ଗୁରୁ ଗ୍ରହଣ କରିବା ଦରକାର। ତାଙ୍କ ପ୍ରଦର୍ଶିତ ମାର୍ଗରେ ଜୀବନ ଚାଲିବା ଦରକାର। ଭାଗବତରେ ଲେଖାଅଛି-ଏ ନାବେ ଗୁରୁ କର୍ଣ୍ଣଧାର। ମୁହିଁ ଅନୁକୂଳ ସମୀର।

କେହି ଯଦି କହିବେ ଆମେ ଗୁରୁ ଫୁର କରିବୁ ନାହିଁ। ରାମ, କୃଷ୍ଣ, ହନୁମାନ, ଜଗନ୍ନାଥ, ଶିରିଡିସାଇ, ଶାରଳା, ମଙ୍ଗଳା, କାଳୀ ଆଦି ଦେବଦେବୀଙ୍କୁ ଇଷ୍ଟ ମାନି ଚାଲିବୁ। ଠିକ୍ ଅଛି, ସେଇୟା କରି ବାଟ ଚାଲିବା ଆଗ ଆରମ୍ଭ କଲେ। ତା' ପରେ ଦେଖିବା ଗୁରୁ ଆସୁଛନ୍ତି ନା ନାହିଁ। ଆଗ ଯାତ୍ରାଟି ଆରମ୍ଭ ହୋଇଯାଉ। କିନ୍ତୁ ସାବଧାନ! ଏମାନଙ୍କ ମଧ୍ୟରୁ କାହାକୁ ଜଣଙ୍କୁ ନିଜର ମାଲିକ ବାଛନ୍ତୁ। ନଚେତ ନେତା ଦଳବଦଳ କରିବା ପରି ଆଜି ହନୁମାନ ତ କାଲି ଗୋଜବାୟାଣୀ, ଏପରି କଲେ ହଇରାଣରେ ପଡିବା ନିଶ୍ଚିତ। ଗୋଟିଏ ଜୀବନ ଗୋଟିଏ ମାଲିକ। ନିଜର ସବୁ ଦୁଃଖ ସୁଖ, ମାନ ଅଭିମାନକୁ ସଂସ୍କୃତ ହେଉ, ହିନ୍ଦୀ ହେଉ କି ଇଂଲିଶ, ଆରେ ଭାଇ ଖାଣ୍ଟି ଓଡ଼ିଆ ଭାଷାରେ କହିଲେ ବି ସେ ବୁଝିବେ। ମନ୍ତ୍ରର କୌଣସି ଆବଶ୍ୟକତା ନାହିଁ କି ନିର୍ଦ୍ଦିଷ୍ଟ କୌଣସି ଭାଷା ବି ଜରୁରୀ ନୁହେଁ। କିନ୍ତୁ ମନେରଖନ୍ତୁ ସମସ୍ତଙ୍କର ମାଲିକ କିନ୍ତୁ ରହିବା ଦରକାର ଜରୁରୀ।

ଗାଈଟିଏ ବଣରେ ବାଟ ଭୁଲିଗଲା। ଘରକୁ କେମିତି ଫେରିବ ବୋଲି ଚିନ୍ତା କଲାବେଳେ ବାଘ ହାବୁଡରେ ପଡିଗଲା। ବାଘ ଗୋଡାଇଲା ଗାଈକୁ। ଦୌଡି ଦୌଡି ଗାଈଟି ପଶିଗଲା ଏକ ପୋଖରୀ ଭିତରକୁ। ବାଘ ବି ଲମ୍ଫ ଦେଲା ପଛେ ପଛେ। ପୋଖରୀରେ ପାଣି କମ୍ , ପଙ୍କ ଅଧିକ। ପଙ୍କରେ ଲୋଟି ହୋଇ ବାଘ ଗାଈକୁ ଧରିବା ପାଇଁ ସତତ ଉଦ୍ୟମରତ। କିନ୍ତୁ ପାରୁ ନ ଥାଏ। ଅଳ୍ପ ଅଳ୍ପ ଦୂରତାରୁ ଗାଈ ଖସି ଯାଉଥାଏ ବାଘ ପାଖରୁ। ରବି ଅସ୍ତାଚଳକୁ ଗଲେ। ସନ୍ଧ୍ୟା ମାଡି ଆସିଲା। ଏବେ ଗାଈ କହିଲା ବାଘକୁ-ବାବୁରେ, ତୁ ମୋତେ ଆଉ ଖାଇ ପାରିବୁ ନାହିଁ। 'କାରଣ'-ବାଘ ପଚାରିଲା। କାରଣ ହେଉଛି ଏଇୟା ଯେ ମୋର ମାଲିକ ଅଛନ୍ତି। ସନ୍ଧ୍ୟା ହେଲାଣି। ମୋର ଗୁହାଳକୁ ନ ଫେରିବା ଦେଖି ସେ ନିଶ୍ଚେ ଦୁଇ ଚାରି ଲୋକ ନେଇ ଠେଙ୍ଗା ଧରି ବଣକୁ ଆସିବେ। ତୋତେ ଠେଙ୍ଗେଇବେ। ମୋତେ ଧରି ଘରକୁ ନେବେ।

ଶେଷରେ ଠିକ୍ ସେଇୟା ହିଁ ହେଲା।

ପାଠକେ! ଏଠି ଗାଈ ହେଉଛି ଏକ ସମର୍ପିତ ହୃଦୟ। ବାଘ ଅହଂକାର। ପଙ୍କ ହେଉଛି ଜଞ୍ଜାଳ। ମାଲିକ ହେଉଛନ୍ତି ଗୁରୁ ବା ପରାମାତ୍ମା-ଯାହା କୁହ।

ଗୁରୁ ଯଦି ଜୀବନର ମାଲିକ ହେବ, ତେବେ ଜୀବନ ଲାଲେଲାଲ। ଯେଉଁମାନେ ମାଲିକଙ୍କୁ ଧରିଛନ୍ତି, ଆପଣମାନଙ୍କୁ ନମସ୍କାର, ପ୍ରଣାମ, ଦଣ୍ଡବତ। ଯେଉଁମାନେ ଅଦ୍ୟାବଧି ମାଲିକ ବାଛି ନାହାନ୍ତି, ଏବେ ଏଇ ମୁହୂର୍ତ୍ତରୁ ମାଲିକ ବଛା କାର୍ଯ୍ୟ ଆରମ୍ଭ ହେଉ।

*-ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ*

---

**ହିନ୍ଦୁ ଧର୍ମରେ ଶଙ୍ଖର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସେଥିପାଇଁ ପ୍ରାୟ ସମସ୍ତଙ୍କ ଘରେ ଶଙ୍ଖ ଥିବା ଦେଖିବାକୁ ମିଳିଥାଏ। ତେବେ ଘରେ ଶଙ୍ଖ ରଖିଲେ କିମ୍ବା ଶଙ୍ଖ ବଜାଇଲେ କ'ଣ ଶୁଭ ଫଳ ମିଳିଥାଏ, ଆସନ୍ତୁ ଜାଣିବା ସେ ବିଷୟରେ...**

## ଶଙ୍ଖର ମହତ୍ତ୍ୱ

*ଶଙ୍ଖର ପବିତ୍ରତା ବଜାୟ ରଖିବା ପାଇଁ ଏହାକୁ ସର୍ବଦା ଠାକୁର ଘରେ କିମ୍ବା କୌଣସି ପବିତ୍ର ସ୍ଥାନରେ ରଖିବା ଆବଶ୍ୟକ।

* କୁହାଯାଏ, ଠାକୁର ଘରେ ଶଙ୍ଖରେ ପାଣି ରଖି ପରେ ସେହି ପାଣିକୁ ଘରସାରା ଛିଞ୍ଚିଲେ ବାତାବରଣ ଶୁଦ୍ଧ ହେବା ସହ ଘର ଭିତରକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରି ପାରେନା।

*ହେଲେ ଘରେ ଦୁଇଟି ଶଙ୍ଖ ରଖିବାକୁ ଅଶୁଭ ବୋଲି କୁହାଯାଇଥାଏ। ତେଣୁ ଘରେ ଗୋଟିଏ ଶଙ୍ଖ ରଖିବା ଶୁଭ।



* ସେହିପରି ଯଦି କୌଣସି ଶଙ୍ଖରେ ଫଟାଦାଗ ଥାଏ କିମ୍ବା ଏହାର କୌଣସି ଭାଗ ଭାଙ୍ଗିଯାଇଥାଏ, ତା'ହେଲେ ସେହି ଶଙ୍ଖକୁ ଆଉ ଘରେ ନ ରଖି ପାଣିରେ ଭସାଇଦେବା ଠିକ୍ ହେବ।

*ଘରେ ଶଙ୍ଖ ରଖିବା ଯେତିକି ଶୁଭ ଶଙ୍ଖ ବଜାଇବା ବି ସେତିକି ପବିତ୍ର ବୋଲି ବିଶ୍ୱାସ କରାଯାଇଥାଏ। ସେଥିପାଇଁ ହିନ୍ଦୁ ପୂଜାପାର୍ବଣରେ ଶଙ୍ଖ ବଜାଇବାର ଏକ ପ୍ରଥା ରହିଛି। କୁହାଯାଏ, ଶଙ୍ଖଧ୍ୱନିରେ କେବଳ ଆଖପାଖର ବାତାବରଣ ପବିତ୍ର ହୁଏ ନାହିଁ ଅନେକ ରୋଗରୁ ବି ମୁକ୍ତି ମିଳିଥାଏ।

*କାରଣ କେତେଜଣ ବୈଜ୍ଞାନିକ ବି ପରୀକ୍ଷା କରି ଦେଖିଛନ୍ତି, ଶଙ୍ଖଧ୍ୱନି ଦ୍ୱାରା ବାତାବରଣରେ ଥିବା ଅନେକ ଅପକାରୀ ଜୀବାଣୁ ଓ କୀଟାଣୁ ନାଶ ହୋଇଯାନ୍ତି, ଯଦ୍ଦ୍ୱାରା ଆମ ଶରୀର ସୁସ୍ଥ ରହିଥାଏ। ବିଶେଷକରି ଯେଉଁ ବ୍ୟକ୍ତି ନିୟମିତ ଶଙ୍ଖ ବଜାଉଥାନ୍ତି, ତାଙ୍କୁ ଶ୍ୱାସ ତଥା ହୃଦ୍‌ରୋଗ ହେବାର ଆଶଙ୍କା ଖୁବ୍ କ୍ଷୀଣ ଥାଏ।

*ହେଲେ ଶଙ୍ଖ ବଜାଉଥିବା ସମୟରେ ଯଦି ଏହା ହାତରୁ ଖସି ତଳେ ପଡିଯାଏ, ତା'ହେଲେ ଏହା କୌଣସି ଅଶୁଭ ସୂଚନାର ସଙ୍କେତ ଦେଇଥାଏ। ସେହିପରି ଠିକ୍‌ରେ ଶଙ୍ଖ ବଜାଇବା ବି ଆବଶ୍ୟକ। ଯଦି ଏହାକୁ ଠିକ୍‌ରେ ନ ବଜାଇ ପାରିଲେ ତା'ହେଲେ ସକାରାତ୍ମକ ଫଳ ପରିବର୍ତ୍ତେ ନକାରାତ୍ମକ ଫଳ ମିଳିଥାଏ।

*ସେହିପରି ଯଦି କୌଣସି ଶିଶୁଙ୍କର କଥା କହିବାରେ ସମସ୍ୟା ଦେଖାଯାଇଥାଏ, ତା'ହେଲେ ତାଙ୍କୁ ଶଙ୍ଖରେ ପାଣି ପିଆଇଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି।

*କେବଳ ଘରେ ନୁହେଁ ବାସ୍ତୁଶାସ୍ତ୍ର ଅନୁଯାୟୀ, କର୍ମକ୍ଷେତ୍ରରେ ମଧ୍ୟ ଶଙ୍ଖ ରଖିଲେ ବ୍ୟବସାୟରେ ଉନ୍ନତି ହୋଇଥାଏ।

*ତେଣୁ ଏସବୁ ଦୃଷ୍ଟିରୁ ଦେଖିଲେ, ଯେଉଁ ବ୍ୟକ୍ତି ଆସ୍ଥା ଓ ନିଷ୍ଠାର ସହକାରେ ବିଧିପୂର୍ଣ୍ଣ ଭାବେ ଶଙ୍ଖକୁ ଘରେ ରଖିବା ସହ ତାକୁ ଠିକ୍‌ରେ ବଜାଇଥାନ୍ତି, ତାଙ୍କର ଶ୍ରୀ ବୃଦ୍ଧି ଅବଶ୍ୟ ହୋଇଥାଏ।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ମୁକେଶ



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ପାଠପଢ଼ା

ରାଜୁ ମଉସା ପିଣ୍ଟୁକୁ- ତୋ ପାଠପଢ଼ା କେମିତି ଚାଲିଛି ?
ପିଣ୍ଟୁ- ସମୁଦ୍ର ପରି ହେଉଛି ଆମ ସିଲାବସ୍, ନଦୀ ଯେତିକି ସେତିକି ପଢି ପାରୁଛି, ବାଲ୍ଟି ଯେତିକି ମନେ ରହୁଛି, ଗ୍ଲାସ୍ ଯେତିକି ଲେଖି ପାରୁଛି, ଗିନା ଯେତିକି ମାର୍କ ଆସୁଛି। ଆଉ ସେଥିରେ ଯେତିକି ପାଣି ଧରିବ ସେଇପାଣିରେ ଲାଜରେ ବୁଡି ଯାଉଛି।

### ଚୁଡ଼େଲ


ସ୍ୱାମୀଙ୍କ ମଦ ଅଭ୍ୟାସ ଛଡାଇବା ପାଇଁ ସ୍ତ୍ରୀ ଚୁଡ଼େଲ ବେଶ ହୋଇ ନିଶାଗ୍ରସ୍ତ ସ୍ୱାମୀ ଆଗରେ ଛିଡା ହୋଇଗଲେ।
ସ୍ୱାମୀ- ତମେ କିଏ ?
ସ୍ତ୍ରୀ- ମୁଁ ଚୁଡ଼େଲ।
ସ୍ୱାମୀ- ଆରେ ୱାହ ! ହାତ ମିଶା। ମୁଁ ପରା ତୋ ଭଉଣୀର ସ୍ୱାମୀ।

### ଚାନ୍ଦ

ବ୍ୱୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ- ଚାଲ ମୁଁ ତୁମକୁ ଚାନ୍ଦକୁ ନେଇଯିବି।
ଗର୍ଲଫ୍ରେଣ୍ଡ- ନା ନା ମୁଁ ଯିବିନି।
ବୟଫ୍ରେଣ୍ଡ- କାହିଁକି ?
ଗର୍ଲଫ୍ରେଣ୍ଡ- ସେଠି ହ୍ୱାଟ୍ସ ଆପ୍ କି ଫେସ୍‌ବୁକ୍ ଚାଲିବନି। ମୁଁ ଜମା ଯିବିନି।

# ଜେଜୁରୀର ଖଣ୍ଡୋବା ମନ୍ଦିର







ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଏକ ମନ୍ଦିରମାଳିନୀ ସହର ଭାବେ ଜେଜୁରୀର ବେଶ୍ ଖ୍ୟାତି ରହିଛି। ଖଣ୍ଡୋବା ମନ୍ଦିର ହେଉଛି ଏଠାକାର ସବୁଠୁ ବଡ଼ ଆକର୍ଷଣ। ମରାଠୀ ଭାଷାରେ ଏହା 'ଖଣ୍ଡୋବାଚୀ ଜେଜୁରୀ' ନାମରେ ମଧ୍ୟ ପ୍ରସିଦ୍ଧିଲାଭ କରିପାରିଛି। ଉକ୍ତ ମନ୍ଦିରର ପ୍ରମୁଖ ଦେବତା ହେଉଛନ୍ତି ଖଣ୍ଡୋବା, ଯିଏକି ମାର୍ତ୍ତଣ୍ଡ ଭୈରବ, ମହ୍ଲାର ନାମରେ ବି ପରିଚିତ। କେହି କେହି ଭଗବାନ ଖଣ୍ଡୋବାଙ୍କୁ ପ୍ରଭୁ ଶିବଙ୍କର ଅନ୍ୟ ଏକ ରୂପ କହୁଥିବା ବେଳେ ଆଉ କେହି କେହି ପ୍ରଭୁ ଶିବ, ଭୈରବ (ଶିବଙ୍କର କ୍ରୂର ରୂପ), ସୂର୍ଯ୍ୟ ଏବଂ କାର୍ତ୍ତିକ ଏହି ଚାରି ଦେବତାଙ୍କର ଏକତ୍ରିତ ସ୍ୱରୂପ ବୋଲି ବିଶ୍ୱାସ କରିଥାନ୍ତି। ତେବେ ଭଗବାନ ଖଣ୍ଡୋବା ପ୍ରତ୍ୟକ୍ଷ ଦେବତା ଭାବେ ଖ୍ୟାତ ହୋଇଥିବାରୁ, ବର୍ଷସାରା ଏଠାରେ ଭକ୍ତଗଣଙ୍କର ଭିଡ଼ ଲାଗି ରହିଥାଏ।

**ମନ୍ଦିର ସହ ଜଡିତ ପୌରାଣିକ କଥା**

ମହ୍ଲାରୀ ମାହାତ୍ମ୍ୟ ତଥା ମହାରାଷ୍ଟ୍ର ଏବଂ କର୍ନାଟକର ଲୋକଗୀତ ଓ ସାହିତ୍ୟିକ କୃତିରେ ଖଣ୍ଡୋବା ସମ୍ପର୍କରେ ଅନେକ କିଛି ଉଲ୍ଲେଖ ହୋଇଥିବା ଦେଖିବାକୁ ମିଳିଥାଏ। ତେବେ ବ୍ରହ୍ମାଣ୍ଡ ପୁରାଣ ଅନୁସାରେ, ମଲ୍ଲା ଏବଂ ମଣି ନାମକ ଦୁଇ ରାକ୍ଷସ ଭାଇ ବ୍ରହ୍ମାଙ୍କ ନିକଟରୁ ବରଦାନ ପ୍ରାପ୍ତ ହୋଇଥିଲେ। ବର ପାଇ ସେମାନେ ନିଜକୁ ଅମର ମନେକରି ପୃଥିବୀବାସୀଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ। ଏସବୁ ଦେଖି ଭଗବାନ ଶିବ ଖଣ୍ଡୋବା(ମାର୍ତ୍ତଣ୍ଡ ଭୈରବ)ଙ୍କ ରୂପ ଧାରଣ କରି ସେହି ରାକ୍ଷସ ଦୁଇଭାଇଙ୍କୁ ଦମନ କରିବାକୁ ଉଭା ହୋଇଥିଲେ। ସେହି ସମୟରେ ପ୍ରଭୁ ଖଣ୍ଡୋବା ବା ମାର୍ତ୍ତଣ୍ଡ ଭୈରବ ଚମକୁଥିବା ସୂର୍ଯ୍ୟ ପରି ଦେଖାଯାଉଥିଲେ। କାରଣ ତାଙ୍କ ଶରୀର ସାରା ହଳଦୀ ଲାଗିଥିଲା, ଯାହାକୁ ହରିଦ୍ରା ବୋଲି ବି କୁହାଯାଇଥାଏ। ତେବେ ଯେତେବେଳେ ଭଗବାନ ଖଣ୍ଡୋବା ରାକ୍ଷସ ଦୁଇଭାଇଙ୍କୁ ଦମନ କରିବା ପାଇଁ ଗଲେ, ସେତେବେଳେ ମଣି ପଶ୍ଚାତାପ କରି ଭଗବାନଙ୍କୁ ତା'ର ଧଳାଘୋଡାଟି ପ୍ରଦାନ କଲା ଏବଂ ମାନବ ଜାତିର ମଙ୍ଗଳକାମନା କରି ଖଣ୍ଡୋବାଙ୍କ ମନ୍ଦିରରେ ତାକୁ ଟିକେ ସ୍ଥାନ ଦେବା ପାଇଁ ବରଦାନ ବି ମାଗିଲା। ମଣିର ଉତ୍ତମ ଚିନ୍ତାଧାରାକୁ ଦେଖି ଶେଷରେ ଭଗବନା ଖଣ୍ଡୋବା ଖୁସି ହୋଇ ତାକୁ ତା' ଇଚ୍ଛା ମୁତାବକ ବରଦାନ ଦେଇଥିଲେ। ଅନ୍ୟପକ୍ଷରେ ମଲ୍ଲା ମାନବ ଜାତିର ବିନାଶ ପାଇଁ ବରଦାନ ମାଗିବାରୁ ଭଗବାନ ଖଣ୍ଡୋବା ତା'ର ମୁଣ୍ଡକୁ କାଟି ମନ୍ଦିରର ଶିଡ଼ି ଉପରେ ଫୋପାଡି ଦେଲେ। ଯଦ୍ୱାରା ଭକ୍ତଗଣ ଶିଡ଼ି ଚଢି ମନ୍ଦିରକୁ ପ୍ରବେଶ କଲାବେଳେ ସେହି ମୁଣ୍ଡ ଉପରେ ପାଦ ପକାଇ ଆସିବେ। ଖାସ୍ ଏହି କାରଣ ଯୋଗୁ ଖଣ୍ଡୋବା ମନ୍ଦିରର ଏକ ପାର୍ଶ୍ୱରେ ମଣିଙ୍କର ପ୍ରତିମାକୁ ରଖାଯାଇଥିବା ଦେଖିବାକୁ ମିଳିଥାଏ।

**ମନ୍ଦିରର ବାସ୍ତୁକଳା**

ଜେଜୁରୀସ୍ଥିତ ଏହି ମନ୍ଦିରଟି ଏକ ଛୋଟ ପାହାଡ଼ ଉପରେ ଅବସ୍ଥିତ। ମନ୍ଦିର ନିକଟକୁ ଯିବାକୁ ହେଲେ ଭକ୍ତଙ୍କୁ ପ୍ରାୟ ୨୦୦ ପାହାଚ ଚଢିବାକୁ ହୋଇଥାଏ। ତେବେ ଏହି ପାହାଡ଼ ଉପରକୁ ଚଢିଲା ପରେ ସମ୍ପୂର୍ଣ୍ଣ ଜେଜୁରୀର ମନୋହର ଦୃଶ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ସେହିପରି ଖଣ୍ଡୋବା ମନ୍ଦିରକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗକୁ ମଣ୍ଡପ କୁହାଯାଇଥାଏ, ଯେଉଁଠାରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ପୂଜା, ଭଜନ ଇତ୍ୟାଦିରେ ଭାଗ ନେଇଥାନ୍ତି। ସେହିପରି ମନ୍ଦିରର ଦ୍ୱିତୀୟ ଭାଗଟି ହେଉଛି ଗର୍ଭଗୃହ, ଯେଉଁଠାରେ ଭଗବାନ ଖଣ୍ଡୋବାଙ୍କର ପ୍ରତିମା ଶୋଭା ପାଇଥାଏ। ପ୍ରଭୁ ଶିବ, ଭୈରବ (ଶିବଙ୍କର କ୍ରୂର ରୂପ) ସୂର୍ଯ୍ୟ ଏବଂ କାର୍ତ୍ତିକ ଏହି ଚାରି ଦେବତାଙ୍କର ଏକତ୍ରିତ ସ୍ୱରୂପ ଭଗବାନ ଖଣ୍ଡୋବା ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଖଣ୍ଡୋବାଙ୍କର ବ୍ରତକୁ ରବିବାର ବା ସୂର୍ଯ୍ୟଙ୍କ ବାରରେ କରିବାର ପ୍ରଥା ଏଠାରେ ପ୍ରଚଳିତ ହୋଇଥାଏ। ତେବେ ଖଣ୍ଡୋବା ମନ୍ଦିରର ଅନ୍ୟତମ ଆକର୍ଷଣ ହେଉଛି, ମନ୍ଦିରର ପ୍ରତି କୋଣ ଅନୁକୋଣରେ ପଡିଥିବା ହଳଦୀ। ମନ୍ଦିରର ଯୁଆଡେ ଚାହିଁବେ, ସିଆଡେ ହଳଦୀ ବିଞ୍ଚା ହୋଇଥିବା ଦେଖିବାକୁ ପାଇବେ। କୁହାଯାଏ, ହଳଦୀ ବିଞ୍ଚିବା ଦ୍ୱାରା ଭଗବାନ ଖଣ୍ଡୋବା ପ୍ରସନ୍ନ ହୋଇଥାନ୍ତି। ସେହିପରି ମନ୍ଦିରରେ ଅନେକ ମହତ୍ତ୍ୱପୂର୍ଣ୍ଣ ହତିଆର ଏବଂ ଗୋଟିଏ ବିରାଟ ବଡ଼ ପିତ୍ତଳ କଇଁଛ ଥିବାର ବି ଦେଖିବାକୁ ମିଳିଥାଏ।

**ମନ୍ଦିରର ପୂଜାବିଧି**

ଭଗବାନ ଖଣ୍ଡୋବା ଯେହେତୁ ଜଣେ କ୍ରୋଧୀ ଦେବତା, ସେଥିପାଇଁ ତାଙ୍କର ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ହଳଦୀ, ଫୁଲ ହେଉଛି ଏହି ଦେବତାଙ୍କର ଖୁବ୍ ପ୍ରିୟ। ପ୍ରତ୍ୟକ୍ଷ ଦେବତା ହୋଇଥିବାରୁ ଭକ୍ତଗଣ ଏଠାରେ ମନୋସ୍କାମନା ବି କରିଥାନ୍ତି। ଖାସ୍‌କରି ବିବାହ ବିଳମ୍ବ ହେଉଥିଲେ କିମ୍ବା ପିଲା ଜନ୍ମ ହେବାରେ ସମସ୍ୟା ଦେଖାଯାଉଥିଲେ, ଏଠାରେ ମାନସିକ ରଖି ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ସେହିପରି ରାକ୍ଷସ ମଲ୍ଲା ଏବଂ ମଣିଙ୍କ ଉପରେ ଭଗବାନ ଖଣ୍ଡୋବାଙ୍କର ବିଜୟ ଦିବସକୁ ପାଳନ କରିବା ପାଇଁ ଏଠାରେ ପ୍ରତିବର୍ଷ ଏକ ଛଅ ଦିବସୀୟ ମେଳା ଲାଗିଥାଏ, ଯାହାକୁ ଦେଖିବା ପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମିଥାଏ।


**କେମିତି ଯିବେ**

ପୁଣେଠାରୁ ପ୍ରାୟ ୪୮ କି.ମି ଦୂରରେ ଥିବା ଜେଜୁରୀସ୍ଥିତ ଏହି ମନ୍ଦିରକୁ ଯିବା ପାଇଁ ଉଭୟ ରେଳପଥ ଓ ସଡ଼କପଥର ଭଲ ବ୍ୟବସ୍ଥା ରହିଛି।

*–ସ୍ନିଗ୍ଧା ତ୍ରିପାଠୀ, ପୁଣେ, ମହାରାଷ୍ଟ୍ର*









# କୁକୁର କଲା ରେକର୍ଡ

ଗୋଲ୍ଡେନ୍ ରିଟ୍ରିଭର୍ ପ୍ରଜାତିର ଏହି କୁକୁରର ଫଟୋ ଦେଖି ଭାବୁଥିବେ ଏହି ସୁନ୍ଦର କୁକୁରଟି ଲୋଭରେ ମେଞ୍ଚେ ଖାଦ୍ୟ ପାଟିରେ ପୂରାଇଛି। ହେଲେ ନା। କୁକୁରଟି ପାଟିରେ ୫ଟି ଟେନିସ୍ ବଲ୍ ପୂରାଇଛି। ସେ ପୁଣି ରେକର୍ଡ ପାଇଁ, ଯାହାକି ଆଗରୁ କୌଣସି କୁକୁର କରିପାରି ନାହାନ୍ତି। ଅଗି ନାମକ ଏହି କୁକୁର ଏକାଥରେ ପାଞ୍ଚଟି ବଲ୍ ପାଟିରେ ଧରି ଗିନିଜ୍ ୱାର୍ଲଡ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅଗିର ବୟସ ୬ ବର୍ଷ। ସେ ବହୁତ ଆରାମରେ ୫ଟି ଯାକ ବଲ୍ ପାଟିରେ ଧରି ପାରେ। ଆଉ ତାକୁ ଦେଖିଲେ ଭାରି କୌତୁକିଆ ଲାଗେ।

## କାର୍ଟୁନ କର୍ନର



# ଯାତ୍ରା ପାଇଁ ସମର୍ପିତ

କୁହାଯାଏ ଯୋଡ଼ି ସ୍ୱର୍ଗରେ ତିଆରି ହୁଏ। ଆଉ ଉପରବାଲା ହିଁ ଜୀବନସାଥୀ ବାଛିଦିଏ। ଯିଏ ଯେଉଁଠି ଜନ୍ମ ହୋଇଥାଉ, ଯିଏ ଯେଉଁଠି ଯେଉଁ କାମ କରୁଥାଉ ନା କାହିଁକି ଯିଏ ଯାହାର ସିଏ ତାହାର। ଓଡ଼ିଆ ଯାତ୍ରା ଜଗତର ଦୁଇ ପ୍ରସିଦ୍ଧ ଯୋଡ଼ି ରତି ଓରଫ ରତିକାନ୍ତ ପରିଡ଼ା ଓ ମିତୁନା ଏହାର ଏକ ଉଦାହରଣ। ରତି ଓରଫ ରତିକାନ୍ତ ପରିଡ଼ାଙ୍କ ଘର ମୟୂରଭଞ୍ଜର ଉଦଳା ହୋଇଥିବା ବେଳେ ମିତୁନାଙ୍କ ଘର ଜଗତ୍‌ସିଂହପୁର। ଉଭୟେ କୋଣାର୍କ ଗଣନାଟ୍ୟରେ ଅଭିନୟ କରୁଥିଲେ। ସେଇ ଅଭିନୟ ଭିତରେ ଦେଖାଚାହାଁ। ସେମାନେ କ'ଣ ଜାଣିଥିଲେ ଯେ, ଏହି ଦେଖାଚାହାଁ ଦିନେ ପ୍ରେମ ପାଲଟିଯିବ ? ସେମାନେ ତ କେବଳ ମଞ୍ଚ ଉପରେ ସ୍ୱାମୀ ସ୍ତ୍ରୀ ହେଉଛନ୍ତି। ସେମାନେ କ'ଣ ଜାଣିଥିଲେ ସେମାନେ ଦିନେ ସତସତିକା ସ୍ୱାମୀ ସ୍ତ୍ରୀ ହୋଇଯିବେ ? ବାସ୍ତବରେ ସେଇଆ ହିଁ ଘଟିଥିଲା। ସେମାନେ ମଞ୍ଚ ଉପରେ ସ୍ୱାମୀସ୍ତ୍ରୀ ହେଉ ହେଉ ଦିନେ ଅନୁଭବ କରିଥିଲେ ଯେ, ଦୁହେଁ ହେଉଛନ୍ତି ଦୁଇଜଣଙ୍କର ଜୀବନସାଥୀ। ୨୦୦୫ରେ ସେମାନଙ୍କର ବାହାଘର ହୋଇଥିଲା। ରତିଙ୍କ ଆଗରୁ ମିତୁନା ଆସିଥିଲେ ଯାତ୍ରାକୁ। ରତି ୨୦୦୨ରେ ଯାତ୍ରାକୁ ଆସିଥିବା ବେଳେ ମିତୁନା ମହାବାତ୍ୟା ପୂର୍ବରୁ ଯାତ୍ରାରେ ଯୋଗଦେଇ ସାରିଥିଲେ। ତେଣୁ ସ୍ତ୍ରୀ ହୋଇଥିଲେ ବି ରତିକାନ୍ତ ମିତୁନାଙ୍କୁ ଜଣେ ସିନିୟର ଆର୍ଟିଷ୍ଟ ବୋଲି ମନେକରନ୍ତି। ଆଉ ଯେତେବେଳେ ମିତୁନାଙ୍କୁ ପ୍ରଶଂସା ମିଳେ ସେତେବେଳେ ସେ ଭାରି ଖୁସି ଅନୁଭବ କରନ୍ତି। ଘରେ କିମ୍ବା ବସାଘରେ ସିନା ସେମାନେ ସ୍ୱାମୀସ୍ତ୍ରୀ ହେଲେ ମଞ୍ଚ ଉପରକୁ ଚାଲିଗଲେ ବଦଳିଯାଏ ସେମାନଙ୍କର ପରିଚୟ। ସେମାନଙ୍କ ଉପରେ ଚରିତ୍ର ସବାର କରିଯାଏ। ସେମାନେ ରାତି ସାରା ସେହି ଚରିତ୍ରକୁ କାନ୍ଧରେ ବୋହି ଚାଲନ୍ତି। ସ୍ୱାମୀ ସ୍ତ୍ରୀ ଦୁଇଜଣ ଯାକ ଗୋଟିଏ ପାର୍ଟିରେ ରହିଥିବାରୁ ପରିବାର ପ୍ରତି ସମୟ ଦେଇପାରୁ ନାହାନ୍ତି ବୋଲି ରତିଙ୍କ ଭିତରେ କ୍ଷୋଭ ରହିଛି। ଗୋଟିଏ ପୁଅ କୁମାର କୌସ୍ତୁଭ ପରିଡ଼ା। ଭୁବନେଶ୍ୱରରେ ହଷ୍ଟେଲରେ ରହି ପାଠ ପଢୁଛି। ତା' ପ୍ରତି ସମୟ ସେମାନେ ଦେଇପାରୁ ନାହାନ୍ତି। ପୁଣି ପ୍ରତ୍ୟେକ ନାଟକରେ ସେମାନଙ୍କୁ ରୋଲ ମିଳୁଥିବାରୁ ଛୁଟି ମଧ୍ୟ ମିଳୁନାହିଁ। ତେବେ ଆସନ୍ତା ଯାତ୍ରା ସିଜନରେ ସେମାନଙ୍କ ପାଇଁ ଛୁଟିର ବ୍ୟବସ୍ଥା ରଖାଯିବ ବୋଲି କୋଣାର୍କ ଅନୁଷ୍ଠାନର ମାଲିକ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟେ ହେଉଛନ୍ତି ଉଭୟଙ୍କ ପାଇଁ ପ୍ରେରଣାର ଉତ୍ସ। ସେମାନେ ବହୁ ସଫଳ ନାଟକରେ ଏକତ୍ର ଅଭିନୟ କରିଛନ୍ତି। ସେଥିମଧ୍ୟରେ ରହିଛି କଉଡ଼ିଖେଳ, ରାଧା ପିନ୍ଧିଦେଲା ମୀରା ସିନ୍ଦୂର, ଦୁଃଖ ଦେଇଗଲା ଦରଦୀ ବନ୍ଧୁ, ଜଙ୍ଗଲ ଦସ୍ୟୁ ବୀରାପ୍ପାନ, କାଇଁଚମାଳି, ଦଇତାରି ପଣ୍ଡା ବାହା ହଉଛି, ମଣିଷ ଦେଖିଲେ ଡର ଲାଗୁଛି, ମୁଦ୍ରା ରାକ୍ଷସ, ତୋ ଚାରିଖୁରାକୁ ଜୁହାର ଏବଂ ଆହୁରି ଅନେକ। ସେମାନଙ୍କର ଜୀବନ କେବଳ ଯାତ୍ରା ପାଇଁ ସମର୍ପିତ ବୋଲି କହନ୍ତି ଏହି ଦମ୍ପତି।


ରତି – ମିତୁନା

# ସତର ବର୍ଷରୁ ଯାତ୍ରା


ଜୟନ୍ତ

ପୂରା ନାମ ମୃତ୍ୟୁଞ୍ଜୟ ବାରିକ। ହେଲେ ସମସ୍ତେ ତାଙ୍କୁ ଜୟନ୍ତ ନାମରେ ହିଁ ଜାଣନ୍ତି। ଓଡ଼ିଆ ଯାତ୍ରାଜଗତର ଏକ ଅତି ପରିଚିତ ନାମ ହେଉଛନ୍ତି ମୃତ୍ୟୁଞ୍ଜୟ ବାରିକ ଓରଫ୍ ଜୟନ୍ତ ବାରିକ। ଉଭୟ ନେଗେଟିଭ୍ ଏବଂ ପଜିଟିଭ୍ ଭୂମିକା ତୁଲାଇବାରେ ସେ ସିଦ୍ଧହସ୍ତ। ବାସ୍ତବଧର୍ମୀ ଅଭିନୟ ହିଁ ତାଙ୍କର ପରିଚୟ। ଘର ବାଲେଶ୍ୱର ଜିଲାର ଡୁଙ୍ଗୁରା ନିକଟସ୍ଥ ରଘୁନାଥପୁର ଗ୍ରାମ। ଗ୍ରାମ ଆଖପାଖ ଅଞ୍ଚଳରେ ଯାତ୍ରାର ଏକ ମାହୋଲ ରହିଥିଲା। ଅନେକ ଯାତ୍ରାପାର୍ଟି ତଥା ବହୁ ବଡ଼ ବଡ଼ କଳାକାରଙ୍କୁ ସେ ପିଲାଟି ବେଳୁ ଦେଖୁଥିଲେ। ମାତ୍ର ୧୭ବର୍ଷର ହୋଇଥିଲେ ଆସିଲେ ଯାତ୍ରାକୁ। ଏହା ୧୯୮୮ ମସିହା କଥା। ସ୍କୁଲ ଡ୍ରାମାରେ ଚମତ୍କାର ଅଭିନୟ କରୁଥିଲେ। ପାଣିଛତ୍ର ଗ୍ରାମର ଅଭିନେତା ବାବୁଲି ଭାଇ, ମୁକ୍ତିକାନ୍ତ ଭାଇ ଏବଂ ମଧୁ ସାମଲ ପ୍ରମୁଖ ଥିଲେ ସେତେବେଳେ ନାମକରା କଳାକାର। ସେମାନେ ହିଁ ତାଙ୍କୁ ନେଇ ଆସିଲେ 'ଜୟ ମା' ମଙ୍ଗଳା ଗଣନାଟ୍ୟ'କୁ। ପ୍ରଥମେ ତାଙ୍କୁ ଛୋଟମୋଟ ଭୂମିକା ମିଳିଲା। ସେ ନାୟକର ପିଲାବେଳ, ସାନ ଭାଇ, ସାନପୁଅ ଆଦି ଭୂମିକାରେ ଅଭିନୟ କଲେ। ପରେ ବୟସ ବଢ଼ିଲା। ନାୟକ ଭୂମିକାରେ ଆସିଲେ। ଜୟ ମା' ମଙ୍ଗଳା ଗଣନାଟ୍ୟ ପରେ ସେ ସୋନାଲି ଗଣନାଟ୍ୟ, ତାରାପୁର ଅପେରା, ଓଡ଼ିଶା ଅପେରା, ବାଘାଯତୀନ ଲୋକନାଟ୍ୟ, କଳିଙ୍ଗ ଗଣନାଟ୍ୟ, ଗୌରୀ ଗଣନାଟ୍ୟ, ଯାତ୍ରାଗାଁ ଆଦିରେ ଅଭିନୟ କରି ନିଜ ପ୍ରତିଭା ପ୍ରଦର୍ଶନ କଲେ। ସମ୍ପ୍ରତି ଜୟନ୍ତ ରାଜଧାନୀ ଅପେରାରେ ଅଭିନୟ କରୁଛନ୍ତି। ଏବେ ସେ ବଡ଼ଭାଇ, ବାପା ଆଦି ଭୂମିକାରେ ଆସୁଛନ୍ତି ମଞ୍ଚ ଉପରକୁ। ଇତିମଧ୍ୟରେ ସେ ବହୁ ନାଟକରେ ଅଭିନୟ କରି ସାରିଛନ୍ତି। ସେଥିମଧ୍ୟରେ ରହିଛି : ଅନ୍ଧ ଆଖିରେ ଚଷମା, ରାମ ପର୍ଶୁରାମ, ଜେଲ ଟାଇଗର, ମଝି ନଈରେ ଘର, ଶ୍ରୀକୃଷ୍ଣ ଆସୁଛନ୍ତି, ଚାଲ ମା' ଯିବା ଜହ୍ନ ରାଇଜକୁ, ଏତେ ସପନକୁ ରାତି କାହିଁ, ମିଥୁନ ରାଶିର ଝିଅ, ସାନ ଶାଳୀ ଘର ଭୁବନେଶ୍ୱର, ରାଜଧାନୀ ତତେ ଦୂରୁ ଜୁହାର, କିଣା ସ୍ୱାମୀ ନେଇ କରିଛି ଘର, ନାଁ ନେଇଗଲା ଗାଁ ପିଲାଟା, ତୁ ମୋଦି ମୁଁ ଗାନ୍ଧୀ, ବାଃ ବାଃରେ ଉପରବାଲା, ଗୌରୀନାନୀର ନୂଆ ଠିକଣା, ବ୍ରହ୍ମଅସ୍ତ୍ର ଏବଂ ଆହୁରି ଅନେକ। ସମ୍ପ୍ରତି ରାଜଧାନୀ ଅପେରାରେ ତାଙ୍କର ରହିଛି 'ଲକ୍ଷେ ଶିବ ପୂଜି ପାଇଛି ତତେ' ଏବଂ 'ଭୁଲ ହେଇଗଲା ତତେ ଭଲପାଇ' ଆଦି ନାଟକ। ସ୍ତ୍ରୀ ସୁଷମା ବାରିକ, ଦୁଇପୁଅ ପ୍ରକାଶ ଏବଂ ରାକେଶ ତଥା ଝିଅ ସୁଜାତାକୁ ନେଇ ସଂସାର କରିଥିବା ଏହି ଅଭିନେତା ଦର୍ଶକମାନଙ୍କୁ ତାଙ୍କ କଳାକାର ଜୀବନର ଶ୍ରେୟ ପ୍ରଦାନ କରନ୍ତି।

# ଗିନିଜ୍ ବିଲେଇ ନିଖୋଜ

ବିଲେଇ ନିଖୋଜ ହେବା କିଛି ବଡ଼ କଥା ନୁହେଁ। ହୁଏତ କେଉଁଆଡ଼େ ଚାଲିଯାଇ ଥାଇପାରେ। ନ ହେଲେ ମରିଯାଇ ଥାଇପାରେ। ମାତ୍ର ଏ ବିଲେଇ ସାଧାରଣ ବିଲେଇ ନୁହେଁ। ଗିନିଜ୍ ୱାର୍ଲଡ ରେକର୍ଡ କରିଥିବା ବିଲେଇ। ଗୋଟିଏ ନୁହେଁ; ଦୁଇଟି ବିଲେଇ ନିଖୋଜ୍। ୨୦୧୭ରୁ ଦୁଇଟି ବିଲେଇ ନିଖୋଜ ଅଛନ୍ତି ଯେ ସେମାନଙ୍କର କୌଣସି ପତ୍ତା ମିଳୁନାହିଁ। ମାତ୍ର ସେହି ଦୁଇ ବିଲେଇଙ୍କୁ ନେଇ ଏବେ ସୁଦ୍ଧା ଖବର ପ୍ରଚାର ଚାଲିଛି। ବିଲେଇ ଦୁଇଟି ସେମାନଙ୍କ ଲାଞ୍ଜ ନିମନ୍ତେ ଗିନିଜ ୱାର୍ଲଡ ରେକର୍ଡ଼ କରିଥିଲେ। ଗୋଟିଏ ବିଲେଇର ଲାଞ୍ଜର ଲମ୍ବ ୧୯ ଇଞ୍ଚ ହୋଇଥିବା ବେଳେ ଅନ୍ୟ ବିଲେଇଟିର ଲାଞ୍ଜର ଲମ୍ବ ଥିଲା ୧୭ ଇଞ୍ଚ। ୧୯ ଇଞ୍ଚ ଲମ୍ବ ବିଶିଷ୍ଟ ବିଲେଇର ନାମ ଆର୍କଟରସ୍। ସେହିଭଳି ୧୭ ଇଞ୍ଚ ଲମ୍ବ ବିଶିଷ୍ଟ ବିଲେଇର ନାମ କାଇଗ୍ନସ୍। ଏମାନଙ୍କର ମାଲିକ ହେଉଛନ୍ତି ୱିଲି ପାୱାର ଏବଂ ଲରେନ୍ ପାୱାର। ସେମାନେ କହିଛନ୍ତି ଯେ, ଗୋଟିଏ ଅଗ୍ନିକାଣ୍ଡ ଘଟଣା ପରେ ବିଲେଇ ଦୁଇଟି କେଉଁଠି ନିଖୋଜ୍ ହୋଇଯାଇଛନ୍ତି। ନିଆଁରେ ସେମାନେ ପୋଡ଼ି ମରିନାହାନ୍ତି। କାରଣ ବିଲେଇ ଦୁଇଟିର ଅବଶେଷ ମିଳିନାହିଁ।



ବ୍ୟାକ୍ ପେଜ୍











# ଉଲ୍‌ରେ ତିଆରି ପ୍ରକୃତିର ଛବି

ଏମ୍ବ୍ରୋଡରି ଏକ ବହୁ ପୁରାତନ କଳା। ଏଥିରେ କାରିଗର ଭିନ୍ନ ଭିନ୍ନ କଳାକୃତି ତିଆରି କରନ୍ତି। ନିକଟରେ ଜଣେ ମହିଳା ପ୍ରକୃତିର ବିଭିନ୍ନ ଦୃଶ୍ୟକୁ ଏମ୍ବ୍ରୋଡରିରେ ତିଆରି କରିଛନ୍ତି। ଆଉ ତାହା ଏତେ ନିଖୁଣ ଓ ଅବିକଳ ହୋଇଛି ଯେ, ସମ୍ପୂର୍ଣ୍ଣ ବାସ୍ତବ ପରି ଲାଗେ। ସେ ହେଉଛନ୍ତି କାରୋଲିନା ଟୋର୍‌ସ। ଅସ୍ତମିତ ସୂର୍ଯ୍ୟର ଆକାଶ, ଢେଉ ଖେଳୁଥିବା ସମୁଦ୍ର, ମେଘଭରା ଆକାଶ, ରଙ୍ଗିନ ଫୁଲଭରା ବଗିଚା, ଗଛ, ଘର ଆଦିକୁ ସେ ବେଶ୍ ନିଖୁଣଭାବେ କରନ୍ତି। ଏବେ ତାଙ୍କର ଏହି ଏମ୍ବ୍ରୋଡରି ପେଣ୍ଟିଂର ଚାହିଦା ଅନ୍‌ଲାଇନ୍‌ରେ ବହୁତ ରହିଛି। ଆଉ ବହୁତ ଅର୍ଡର ତାଙ୍କ ପାଖକୁ ଆସୁଛି।



# ଗୋଡ଼, ହାତରେ ୩୧ ଅଙ୍ଗୁଳି ଥିବା ମହିଳା

କୁମାରୀ ନାୟକ। ବୟସ ୬୩ରୁ ଊର୍ଦ୍ଧ୍ୱ। ଘର ଓଡିଶାର ଗଞ୍ଜାମ ଜିଲାରେ। ତେବେ ସେ ନିଜ ଜୀବନର ଅଧିକାଂଶ ସମୟ ଘରେ ଆବଦ୍ଧ ରହି ବିତାଇଛନ୍ତି। କାରଣ ଏ ସମାଜ ତାଙ୍କୁ ଆଖ୍ୟା ଦେଇଛି ଡାହାଣୀ ବୋଲି। ତାଙ୍କର ପାଦରେ ୧୯ଟି ଓ ହାତରେ ୧୨ଟି ଅଙ୍ଗୁଳି ଅଛି। ଏହା ହେଉଛି ତାଙ୍କୁ ମିଳିଥିବା ଡାହାଣୀ ଆଖ୍ୟା ପାଇଥିବାର କାରଣ। ସେ ପଲିଡାକ୍ଟିଲିଜମ୍‌ରେ ଆକ୍ରାନ୍ତ, ଯେଉଁଥିପାଇଁ ସେ ଅଧିକ ଅଙ୍ଗୁଳି ସହ ଜନ୍ମ ହୋଇଛନ୍ତି। ଏଇଥିପାଇଁ ତାଙ୍କ ସାହିପଡିଶା ଡାହାଣୀ କହନ୍ତି। ଗରିବ ଘରର ହୋଇଥିବାରୁ ତାଙ୍କ ପାଖରେ ଟଙ୍କା ନ ଥିଲା ଚିକିତ୍ସା ପାଇଁ। ତେଣୁ ତାଙ୍କୁ ୩୧ ଅଙ୍ଗୁଳି ସହ ସାରା ଜୀବନ ବିତାଇବାକୁ ପଡିଲା। ତା'ସହ ଅନେକ ଗଞ୍ଜଣା ବି ସହିବାକୁ ପଡିଛି। ହେଲେ ଏବେ ସେ ତାଙ୍କର ଏହି ସ୍ଥିତି ପାଇଁ ସାରା ପୃଥିବୀରେ ପରିଚିତ ହେବାକୁ ଯାଉଛନ୍ତି। କାରଣ ତାଙ୍କ ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବେଶି ଅଙ୍ଗୁଳି ଥିବା ବ୍ୟକ୍ତି ଭାବେ ସ୍ଥାନ ପାଇବ। ପୂର୍ବରୁ ଏହି ରେକର୍ଡ ଦେବେନ୍ଦ୍ର ସୂତାରଙ୍କ ନାଁରେ ଥିଲା। ଯାହାଙ୍କର ୧୪ଟି ହାତ ଓ ୧୪ଟି ପାଦ ଅଙ୍ଗୁଳି ଥିଲା।

# ଡେକୋରେଟେଡ୍ ଟୟଲେଟ୍ ସିଟ୍ ସଂଗ୍ରହାଳୟ

ଅନେକ ଅଜବ ସଂଗ୍ରହାଳୟ ସମ୍ପର୍କରେ ଆମେ ଆଗରୁ କହିଛୁ। ତେବେ ଏଠି ଯେଉଁ ସଂଗ୍ରହାଳୟ କଥା କୁହାଯାଉଛି, ସେ ବି ବହୁତ ଖାସ୍। କାରଣ ଏ ହେଉଛି ସୁସଜ୍ଜିତ ଟୟଲେଟ୍ ସିଟ୍‌ର ସଂଗ୍ରହାଳୟ। ବାର୍ନି ସ୍ମିଥ୍ ନାମକ ଜଣେ ବ୍ୟକ୍ତି ଏହି ସଂଗ୍ରହାଳୟଟି କରିଛନ୍ତି। ଏଠାରେ ବିଭିନ୍ନ ଚିତ୍ର ଓ ଡିଜାଇନ୍‌ର ଟୟଲେଟ୍ ସିଟ୍ ଅଛି। ଏଥିରୁ ଅନେକକୁ ସେ ନିଜେ ଡିଜାଇନ୍ କରିଛନ୍ତି। ପ୍ରଥମେ ଉକ୍ତ ସଂଗ୍ରହାଳୟକୁ ସେ ନିଜ ଘରପଛପଟ ଗ୍ୟାରେଜ୍‌ରେ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହି ସଂଗ୍ରହାଳୟକୁ ସେ ଟେକ୍ସାସ୍‌କୁ ସ୍ଥାନାନ୍ତର କରିଥିଲେ।

